# Prospectus 2018-19

# ବିବରଣିକା ୨୦୧୮-୧୯

## Indian Institute of Mass Communication

## ଭାରତୀୟ ଜନ ସଞ୍ଚାର ସଂସ୍ଥାନ

ଗଣମାଧ୍ୟମ ଓ ଯୋଗାଯୋଗ ଏକ ପ୍ରମୁଖ କ୍ଷେତ୍ର ଭାବେ ପରିଗଣିତ ହେବା ସହ ସମାଜର ବିକାଶ ଓ ଅଭିବୃଦ୍ଧି କ୍ଷେତ୍ରରେ ଏହାର ଏକ ଉଲ୍ଲେଖନୀୟ ଅବଦାନ ରହିଛି । ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିପ୍ଳବ ଗଣମାଧ୍ୟମ ଓ ଯୋଗାଯୋଗର ପରିଧିକୁ ଆଉ ପାଦେ ଆଗେଇ ନେଇଛି । ଗଣମାଧ୍ୟମର ପର୍ଯ୍ୟାବରଣ-ବ୍ୟବସ୍ଥାକୁ ବୁଝିବା ଓ ଅନୁଶୀଳନ କରିବା ଛାତ୍ରଛାତ୍ରୀ, ଶିକ୍ଷକ ଓ ଗଣମାଧ୍ୟମ କର୍ମୀଙ୍କ ପାଇଁ ଏକ ମୁଖ୍ୟ ଆହ୍ୱାନ ହୋଇପଡ଼ିଛି । ବୈଷୟିକ କ୍ଷେତ୍ରର ପରିବର୍ତ୍ତନ ଦ୍ରୁତ ଗତିରେ ହେଉଥିବାବେଳେ ଏହି କ୍ଷେତ୍ରରେ ମଧ୍ୟ ଏକ କର୍ମଚଞ୍ଚଳ ଧାରାରେ ପରିବର୍ତ୍ତନ ହେଉଛି ।

ଭାରତର ଏକ ସମ୍ମାନଜନକ ସୂଚନା ଓ ଯୋଗାଯୋଗ ସଂସ୍ଥାନ ସ୍ୱରୁପ, ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଯୋଗାଯୋଗ ଅତ୍ୟାବଶ୍ୟକ ବୋଲି ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ବିବେଚନା କରେ । ବିଶ୍ୱସ୍ତରୀୟ ଶିକ୍ଷାଦାନ, ତାଲିମ ଓ ଗବେଷଣା ମାଧ୍ୟମରେ ସମାଜର ସେବା କରିବାର ଉତ୍ସର୍ଗୀକୃତ ମନୋଭାବ ରଖେ ସଂସ୍ଥାନ । ଗଣମାଧ୍ୟମ ଓ ଯୋଗାଯୋଗ ଶିକ୍ଷା, ତାଲିମ ଓ ଗବେଷଣା କ୍ଷେତ୍ରରେ ଆଇଆଇଏମ୍‌ସି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଗଣମାଧ୍ୟମ ଶିଳ୍ପର ବିକାଶ ଓ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ଆଖି ଆଗରେ ରଖି ସଂସ୍ଥାନ ଅଭିନବ ପ୍ରୟାସ କରିବା ସହ ତାଲିମ୍ କାର୍ଯ୍ୟକ୍ରମର ଅପ୍‌ଡେଟ୍ କରୁଛି । ପ୍ରତିଦ୍ୱନ୍ଦ୍ୱିତାମୂଳକ ଗଣମାଧ୍ୟମକୈନ୍ଦ୍ରିକ ବିଶ୍ୱରେ ସଫଳ ହେବା ପାଇଁ ଏହା ତାଲିମଧାରୀ/ବିଦ୍ୱାନ/ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରୁଛି । ବିକାଶଶୀଳ ଦେଶଗୁଡ଼ିକର ଆବଶ୍ୟକତା ପୂରଣ କରିବାକୁ ଆମର ଶିକ୍ଷା ଓ ତାଲିମ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏହିସବୁ ବିଭବ ଆଇଆଇଏମ୍‌ସିକୁ ଦେଶ ବିଦେଶର ଅନ୍ୟ ଗଣ ଯୋଗାଯୋଗ ଶିକ୍ଷାକେନ୍ଦ୍ରଠାରୁ ଭିନ୍ନ କରିଛି ।

ଆଇଆଇଏମ୍‌ସି ସୋସାଇଟି ଏକ ସ୍ୱୟଂଶାସିତ ସମିତି । ଏହା ୧୮୬୭ ସୋସାଇଟି ପଞ୍ଜୀକରଣ ଅଧିନିୟମ ଅଧୀନରେ ପଞ୍ଜୀକୃତ ହୋଇ କାର୍ଯ୍ୟ କରୁଛି । ଏହାର ସମ୍ପୂର୍ଣ୍ଣ ଖର୍ଚ୍ଚ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ମାଧ୍ୟମରେ ଭାରତ ସରକାର କରୁଛନ୍ତି । ସଂସ୍ଥାନରେ ଗୋଟିଏ ଶାସନ ସମିତି ଓ ଗୋଟିଏ କାର୍ଯ୍ୟନିର୍ବାହୀ ପରିଷଦ କାର୍ଯ୍ୟ କରୁଛି । କାର୍ଯ୍ୟନିର୍ବାହୀ ପରିଷଦରେ ଅଧ୍ୟକ୍ଷଙ୍କ ସହ ସଂସ୍ଥାନର ମହାନିର୍ଦ୍ଦେଶକ, ଶିକ୍ଷକଙ୍କ ପ୍ରତିନିଧି ଓ ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ସଦସ୍ୟ ଭାବେ ରହିଛନ୍ତି ।

## ଆଇଆଇଏମ୍‌ସିର ଗଠନ

ସଂସ୍ଥାନର ଉଦ୍‌ଘାଟନ ୧୯୬୫ ମସିହା ଅଗଷ୍ଟ ୧୭ ତାରିଖରେ ହୁଏ । ଅଳ୍ପ କେତେଜଣ କର୍ମଚାରୀ ଓ ୟୁନେସ୍କୋର ଦୁଇଜଣ ପ୍ରତିନିଧିଙ୍କୁ ନେଇ ଏହା କାର୍ଯ୍ୟ କରେ । ପ୍ରଥମ କିଛି ବର୍ଷରେ ମୁଖ୍ୟତଃ କେନ୍ଦ୍ରୀୟ ସୂଚନା ସେବା ଅଧିକାରୀ, ସୂଚନା ଓ ପ୍ରକାଶନ ଅଧିକାରୀ, ବିକାଶଶୀଳ ଦେଶଗୁଡ଼ିକର ବିଦେଶୀ ସାମ୍ବାଦିକଙ୍କ ପାଇଁ ତାଲିମ୍ ପାଠ୍ୟକ୍ରମ ଆୟୋଜନ କରେ ସଂସ୍ଥାନ । ୧୯୬୯ରେ ଆଫ୍ରିକା ଓ ଏସିଆର କିଛି କାର୍ଯ୍ୟରତ ସାମ୍ବାଦିକଙ୍କୁ ନେଇ 'ବିକାଶଶୀଳ ଦେଶଗୁଡ଼ିକ ପାଇଁ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ' ଶୀର୍ଷକ ଏକ ଅନ୍ତର୍ଜାତୀୟ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୁଏ । କେନ୍ଦ୍ର/ରାଜ୍ୟ ସରକାର ତଥା ବିଭିନ୍ନ ପବ୍ଲିକ୍ ସେକ୍ଟର ସଂସ୍ଥାରେ କାର୍ଯ୍ୟ କରୁଥିବା ଯୋଗାଯୋଗ ବୃତ୍ତିଧାରୀଙ୍କ ତାଲିମ ଆବଶ୍ୟକତାକୁ ଦେଖି ଏକରୁ ତିନି ସପ୍ତାହ ପର୍ଯ୍ୟନ୍ତ ସ୍ୱଳ୍ପଅବଧିଭିତ୍ତିକ କେତୋଟି ତାଲିମ ପାଠ୍ୟକ୍ରମ ପ୍ରଚଳନ ହୁଏ । ପରବର୍ତ୍ତୀ ବର୍ଷଗୁଡ଼ିକରେ ଆଇଆଇଏମ୍‌ସି ଯୋଗାଯୋଗ ଗବେଷଣା କାର୍ଯ୍ୟକ୍ରମ ଆରମ୍ଭ କରେ ଓ ଖୁବ୍ କମ୍ ଦିନରେ ଏହା ଏକ ଉତ୍ତମ ଗବେଷଣା କେନ୍ଦ୍ରର ମାନ୍ୟତା ପାଏ । ଦେଶରେ ଗଣମାଧ୍ୟମର ପହଞ୍ଚ ଓ ପ୍ରଭାବ, ଯୋଗାଯୋଗ ରଣନୀତି ଓ କାର୍ଯ୍ୟକ୍ରମକୁ ବୁଝି ଜନସଚେତନତା ସୃଷ୍ଟି ତଥା ବ୍ୟାବହାରିକ ପରିବର୍ତ୍ତନ ପାଇଁ ଏହି ଗବେଷଣା ପ୍ରୟାସ ଆଗେଇଚାଲେ ।

ଦୀର୍ଘ ବର୍ଷ ହେବ, ଆଇଆଇଏମ୍‌ସି ପାଠ୍ୟକ୍ରମକୁ ବୃଦ୍ଧି କରିବା ସହ ଇଂରାଜୀ ତଥା ହିନ୍ଦୀ ସାମ୍ବାଦିକତା, ବିଜ୍ଞାପନ ଓ ଲୋକ ସମ୍ପର୍କ ଏବଂ ରେଡିଓ ଓ ଟେଲିଭିଜନରେ ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ କରିଛି ।

## ଆଇଆଇଏମ୍‌ସିର ବିସ୍ତାରଣ

ଦିଲ୍ଲୀରେ ମୁଖ୍ୟ କ୍ୟାମ୍ପସ୍ ପ୍ରତିଷ୍ଠା ହେବା ପରେ ଭାରତର ପୂର୍ବାଞ୍ଚଳରେ ଚାହିଦାକୁ ଆଖି ଆଗରେ ରଖି ୧୯୯୩ ମସିହାରେ ଓଡ଼ିଶାର ଢେଙ୍କାନାଳରେ ଏକ ଆଞ୍ଚଳିକ କ୍ୟାମ୍ପସ୍ ଖୋଲାଯାଏ । ଢେଙ୍କାନାଳ କ୍ୟାମ୍ପସ୍‌ରେ ଇଂରାଜୀ ଓ ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ଦିଆଯାଉଛି । ପରବର୍ତ୍ତୀ ସମୟରେ ଦେଶର ଚାରି ଭୌଗୋଳିକ ବର୍ଗରେ ଚାରୋଟି ଅତିରିକ୍ତ ଆଞ୍ଚଳିକ ଶାଖା

ଖୋଲାଯାଇଛି । ମହାରାଷ୍ଟ୍ରର ଅମରାବତୀ ଓ ମିଜୋରାମ୍‌ର ଆଇଜଲ୍‌ରେ ୨୦୧୧-୧୨ ଶିକ୍ଷା ବର୍ଷଠାରୁ ଏବଂ ଜମ୍ମୁ ଓ କାଶ୍ମୀରର ଜମ୍ମୁରେ ଏବଂ କେରଳର କୋଟ୍ଟାୟମ୍‌ରେ ୨୦୧୨-୧୩ ମସିହାଠାରୁ କ୍ୟାମ୍ପସ୍ ଖୋଲେ । ଆରମ୍ଭରୁ ଏସବୁ ଆଞ୍ଚଳିକ ଶାଖାଗୁଡ଼ିକରେ ସାମ୍ବାଦିକତା (ଇଂରାଜୀ)ରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରାଯାଏ । ୨୦୧୭-୧୮ ଶିକ୍ଷା ବର୍ଷରୁ ଅମରାବତୀ ଓ କୋଟ୍ଟାୟମ୍ କ୍ୟାମ୍ପସ୍‌ରେ ଯଥାକ୍ରମେ ମରାଠୀ ଓ ମାଲାୟଲମ୍‌ରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ଆରମ୍ଭ ହୁଏ । ୨୦୧୬-୧୭ ଶିକ୍ଷା ବର୍ଷଠାରୁ ଦିଲ୍ଲୀ କ୍ୟାମ୍ପସ୍‌ରେ ଉର୍ଦ୍ଦୁ ସାମ୍ବାଦିକତାର ଡିପ୍ଲୋମା ପାଠ୍ୟକ୍ରମକୁ ପାଞ୍ଚ ମାସରୁ ଏକ ବର୍ଷିଆ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମକୁ ସମ୍ପ୍ରସାରିତ କରାଯାଏ ।

## ଶିକ୍ଷା ଓ ତାଲିମ କାର୍ଯ୍ୟକ୍ରମ

**ଶିକ୍ଷା କାର୍ଯ୍ୟକ୍ରମ:**

### (କ) ସ୍ନାତକୋତ୍ତର ଡିପ୍ଲୋମା କାର୍ଯ୍ୟକ୍ରମ (୨୦୧୮-୧୯)

୧. ଇଂରାଜୀ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା

୨. ହିନ୍ଦୀ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା

୩. ରେଡିଓ ଓ ଟିଭି ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା (ଶିକ୍ଷାଦାନର ମାଧ୍ୟମ: ଦ୍ୱିଭାଷୀ- ଇଂରାଜୀ ଓ ହିନ୍ଦୀ)

୪. ବିଜ୍ଞାପନ ଓ ଲୋକ ସମ୍ପର୍କରେ ସ୍ନାତକୋତ୍ତର ଡିପ୍ଲୋମା (ଶିକ୍ଷାଦାନର ମାଧ୍ୟମ: ଦ୍ୱିଭାଷୀ- ଇଂରାଜୀ ଓ ହିନ୍ଦୀ)

୫. ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା

୬. ଉର୍ଦ୍ଦୁ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା

୭. ମରାଠୀ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା

୮. ମାଲାୟଲମ୍ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା

### (ଖ) ତାଲିମ ପ୍ରତିଷ୍ଠାନ

### (୧) ଭାରତୀୟ ସୂଚନା ସେବା ଅଧିକାରୀଙ୍କ ପାଇଁ କାର୍ଯ୍ୟକ୍ରମ:

ଭାରତୀୟ ସୂଚନା ସେବା ପାଇଁ ଆଇଆଇଏମ୍‌ସି ହେଉଛି ତାଲିମ ପ୍ରତିଷ୍ଠାନ (ଏକାଡେମୀ) । ଭାରତୀୟ ସୂଚନା ସେବାର 'ଏ' ଓ 'ବି' ବର୍ଗର ଅଧିକାରୀଙ୍କ ପାଇଁ ଗଣମାଧ୍ୟମ ଓ ଯୋଗାଯୋଗ ଉପରେ ଦୀକ୍ଷା/ପୂର୍ବାଭିମୁଖୀକରଣ ତାଲିମ ପରିଚାଳନା କରେ ସଂସ୍ଥାନ । ସେବା ଅଧିକାରୀଙ୍କ ପାଇଁ ମଧ୍ୟ ଏହା ପୁନରାବୃତ୍ତ (ରିଫ୍ରେସର୍) ପାଠ୍ୟକ୍ରମ ଆୟୋଜନ କରେ ।

### (୨) ବିଦେଶୀ ସାମ୍ବାଦିକଙ୍କ ପାଇଁ ବିକାଶମୂଳକ ସାମ୍ବାଦିକତାରେ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ:

ବିକାଶମୂଳକ ସାମ୍ବାଦିକତାରେ ଡିପ୍ଲୋମା ପାଠ୍ୟକ୍ରମ ଆଫ୍ରିକା, ଏସିଆ, ଲାଟିନ୍ ଆମେରିକା ଓ ପୂର୍ବ ୟୁରୋପ ଦେଶଗୁଡ଼ିକର ମଧ୍ୟସ୍ତରୀୟ କାର୍ଯ୍ୟରତ ସାମ୍ବାଦିକଙ୍କ ଦ୍ୱାରା ଉଚ୍ଚ ଗ୍ରହଣୀୟ । ପ୍ରତି ବ୍ୟାଚ୍‌ରେ ହାରାହାରି ୨୫ ଅଂଶଗ୍ରହଣକାରୀ ଭାଗ ନେଉଛନ୍ତି । ପ୍ରତିବର୍ଷ ସଂସ୍ଥାନ ଚାରି ମାସ ଲେଖାଏଁ ଏହିପରି ଦୁଇଟି କାର୍ଯ୍ୟକ୍ରମ ଆୟୋଜନ କରେ । ବର୍ତ୍ତମାନ ସୁଦ୍ଧା, ଏହି କାର୍ଯ୍ୟକ୍ରମ ଅଧୀନରେ ୧୨୬ ଦେଶର ୧୫୨୪ ସାମ୍ବାଦିକ ତାଲିମପ୍ରାପ୍ତ ହୋଇସାରିଛନ୍ତି ।

### (ଗ) ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ

**୩. ସରକାରୀ ଓ ବେସରକାରୀ କ୍ଷେତ୍ର ପାଇଁ ସ୍ୱଳ୍ପକାଳୀନ ପାଠ୍ୟକ୍ରମ:**

**ଆଇଆଇଏମ୍‌ସି ଏସବୁ ମଧ୍ୟ ପରିଚାଳନା କରେ:**

୧. ସେନା ଅଧିକାରୀ ତଥା ପୋଲିସ୍ ଓ ପାରା-ମିଲିଟାରୀ ଫୋର୍ସଙ୍କ ସହ ରାଜ୍ୟ ଓ କେନ୍ଦ୍ର ସଂସ୍ଥା ପାଇଁ ଗଣମାଧ୍ୟମ ପୂର୍ବାଭିମୁଖୀକରଣ ପାଠ୍ୟକ୍ରମ

୨. ସରକାରୀ ମନ୍ତ୍ରଣାଳୟ/ବିଭାଗ ଓ ପିଏସ୍‌ୟୁର ଗଣମାଧ୍ୟମ ଅଧିକାରୀଙ୍କ ପାଇଁ ପାଠ୍ୟକ୍ରମ

୩. ଲାଲ୍ ବାହାଦୁର ଶାସ୍ତ୍ରୀ ସଂସ୍କୃତ ବିଦ୍ୟାପୀଠ ସହଭାଗିତାରେ ସଂସ୍କୃତ ସାମ୍ବାଦିକତାରେ ଆଡ୍‌ଭାନ୍ସଡ୍ ସାର୍ଟିଫିକେଟ୍ ପାଠ୍ୟକ୍ରମ

### (ଘ) ଗୋଷ୍ଠୀ ବେତାର ସଶକ୍ତିକରଣ ଓ ଉତ୍ସ କେନ୍ଦ୍ର:

ଦେଶରେ ଗୋଷ୍ଠୀ ବେତାରର ପ୍ରସାର କରିବା ଉଦ୍ଦେଶ୍ୟରେ ବିଷୟବସ୍ତୁ, ପ୍ରଯୁକ୍ତିବିଦ୍ୟା ଓ ରାଜସ୍ୱ ସୃଷ୍ଟିରେ ସ୍ୱଳ୍ପକାଳୀନ ପାଠ୍ୟକ୍ରମ ପ୍ରଦାନ କରେ ସଂସ୍ଥାନ । ପଥ ପ୍ରଦର୍ଶନ, ଗବେଷଣା, ପରାମର୍ଶ ଓ ଦକ୍ଷତା ବୃଦ୍ଧି ସେବା

ମାଧ୍ୟମରେ ପୂର୍ବରୁ ଥିବା ତଥା ଇଛୁକ ଗୋଷ୍ଠୀ ବେତାର କେନ୍ଦ୍ରଗୁଡ଼ିକୁ ସହଯୋଗ କରିବା କ୍ଷେତ୍ରରେ ଏହା ଅନ୍ୟତମ କେନ୍ଦ୍ରୀୟ ସ୍ଥଳ । ଦୁର୍ଗମ ତଥା ଗ୍ରାମାଞ୍ଚଳ ତଥା ଶିକ୍ଷା ପ୍ରତିଷ୍ଠାନ, ବେସରକାରୀ ଅନୁଷ୍ଠାନ, ଗଣମାଧ୍ୟମ ଶିକ୍ଷାଦାତାଙ୍କ ପରି ଷ୍ଟେକ୍‌ହୋଲ୍ଡରଙ୍କ ମଧ୍ୟରେ ଗୋଷ୍ଠୀ ବେତାର ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରୁଛି ।

## ଗୋଷ୍ଠୀ ବେତାର କେନ୍ଦ୍ର
## (ଆପ୍‌ନା ରେଡିଓ ୯୬.୯ ଏଫ୍‌ଏମ୍)

ସଂସ୍ଥାନର ଏକ ଗୋଷ୍ଠୀ ବେତାର କେନ୍ଦ୍ର 'ଆପ୍‌ନା ରେଡିଓ ୯୬.୯ ଏଫ୍‌ଏମ୍' ଦିଲ୍ଲୀ କ୍ୟାମ୍ପସ୍‌ରେ ରହିଛି । ଏହି କେନ୍ଦ୍ରରେ ରେଡିଓ ସାମ୍ବାଦିକତାର ଛାତ୍ରଛାତ୍ରୀ ଓ ତାଲିମ୍ ନେଉଥିବା ଅଧିକାରୀଙ୍କୁ ତାଲିମ୍ ଦିଆଯାଇଥାଏ ।

୨୦୦୫ ଠାରୁ ଆପ୍‌ନା ରେଡିଓ ନୂଆ ଦିଲ୍ଲୀ, ଆଇଆଇଏମ୍‌ସିର କ୍ୟାମ୍ପସ୍ ରେଡିଓ ଭାବେ ଚାଲୁଥିବାବେଳେ ୨୦୧୩ରେ ଏହାର ଦ୍ୱାର ଗୋଷ୍ଠୀଙ୍କ ପାଇଁ ଖୋଲିଲା । 'ଆପ୍‌ନେ ଆସ୍ ପାସ୍' ନାମକ ଏକ ଲାଇଭ୍ ଶୋ' ସହ ଦୈନିକ ସାତ ଘଣ୍ଟା ପ୍ରସାରଣ ହୁଏ ଆପ୍‌ନା ରେଡିଓ । ପ୍ରତ୍ୟେକ ଦିନର ଖାସ୍ ପ୍ରସଙ୍ଗକୁ ନେଇ ଆପ୍‌ନା ରେଡିଓ ଆଲୋଚନା କରେ ଏବଂ ଗୋଷ୍ଠୀ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଶ୍ରୋତାଙ୍କୁ ନିଯୁକ୍ତ କରେ ।

ସାରା ଦେଶରେ କାର୍ଯ୍ୟ କରୁଥିବା ଗୋଷ୍ଠୀ ବେତାର କେନ୍ଦ୍ରଗୁଡ଼ିକୁ ଆପ୍‌ନା ରେଡିଓ ମାଧ୍ୟମରେ ସହଯୋଗ କରିବା ତଥା ପ୍ରଶିକ୍ଷଣ ଦେବା ଲକ୍ଷ୍ୟ ନେଇ ଆଇଆଇଏମ୍‌ସି, ନୂଆ ଦିଲ୍ଲୀରେ ଗୋଷ୍ଠୀ ବେତାର ସଶକ୍ତିକରଣ ଓ ସମ୍ବଳ କେନ୍ଦ୍ର ୨୦୧୭ ମାର୍ଚ୍ଚରେ ଉଦ୍‌ଘାଟିତ ହୁଏ ।

## ଜାତୀୟ ଗଣମାଧ୍ୟମ ଅଧ୍ୟାପକ ବିକାଶ କେନ୍ଦ୍ର

ଉଭୟ ଅନ୍ତଃ ଓ ବାହ୍ୟ ଅଧ୍ୟାପକଙ୍କ ପାଇଁ ଜାତୀୟ ଗଣମାଧ୍ୟମ ଅଧ୍ୟାପକ ବିକାଶ କେନ୍ଦ୍ର ସ୍ୱଳ୍ପକାଳୀନ ବିକାଶ କାର୍ଯ୍ୟକ୍ରମ ପରିଚାଳନା କରେ ।

## ଅଧ୍ୟାପନା ମଣ୍ଡଳୀ

ଶିକ୍ଷାବିତ୍, ଗବେଷକ ଓ ଏ କ୍ଷେତ୍ରରେ କାର୍ଯ୍ୟରତ ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱଙ୍କୁ ନେଇ ଆଇଆଇଏମ୍‌ସିର ଅଧ୍ୟାପନା ମଣ୍ଡଳୀ ଗଠିତ । ଏଥିରେ ଗବେଷକ କର୍ମଚାରୀ ମଧ୍ୟ ରହିଛନ୍ତି ।

ଶିକ୍ଷାଦାନ ଓ ତାଲିମ ପାଇଁ ଏକ ତ୍ରିସ୍ତରୀୟ ଅଧ୍ୟାପନା ବ୍ୟବସ୍ଥା ଏଠାରେ ରହିଛି । ଅଧ୍ୟାପକ, ଗଣମାଧ୍ୟମ ଶିଳ୍ପରୁ ସାମ୍ବାଦିକ ଓ ବରିଷ୍ଠ ବ୍ୟକ୍ତିତ୍ୱ ପ୍ରମୁଖ ବିଭିନ୍ନ ସମୟରେ ଆମନ୍ତ୍ରିତ ହୋଇ ସେମାନଙ୍କର ଅଭିଜ୍ଞତା ବିନିମୟ କରିବାକୁ ଆସନ୍ତି ଓ ଏ କ୍ଷେତ୍ର ପାଇଁ ତାଲିମଧାରୀ/ଶିକ୍ଷାର୍ଥୀଙ୍କ ଜ୍ଞାନୋଦୟ କରନ୍ତି ।

## ଗଣମାଧ୍ୟମ ଓ ଯୋଗାଯୋଗ ଗବେଷଣା କାର୍ଯ୍ୟକ୍ରମ

ଭାରତୀୟ ଜନ ସଞ୍ଚାର ସଂସ୍ଥାନର ଶିକ୍ଷା ବ୍ୟବସ୍ଥାର ଏକ ମୁଖ୍ୟ ଅଂଶ ହେଉଛି ଗଣମାଧ୍ୟମ ଓ ଯୋଗାଯୋଗ କ୍ଷେତ୍ରରେ ଏହାର ବ୍ୟବସ୍ଥିତ ଶିକ୍ଷା । ଗଣମାଧ୍ୟମ ଓ ଯୋଗାଯୋଗ ଶିକ୍ଷା କ୍ଷେତ୍ରରେ ତାତ୍ତ୍ୱିକ ଓ ବୃତ୍ତିଗତ ପ୍ରସଙ୍ଗ ମଧ୍ୟରେ ଏକ ସେତୁ ନିର୍ମାଣ କରିବା ଏହାର ଲକ୍ଷ୍ୟ । ବିଦ୍ୱାନ, ପେସାଦାର ଯୋଗାଯୋଗକାରୀ ଓ ଗଣମାଧ୍ୟମ ଶିଳ୍ପର ସଦସ୍ୟଙ୍କ ସହଭାଗିତାରେ ଗବେଷଣାତ୍ମକ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଦିଗରେ ଯୋଗାଯୋଗ ଗବେଷଣା ବିଭାଗ କାର୍ଯ୍ୟ କରେ । ଆଇଆଇଏମ୍‌ସିର ଛାତ୍ରଛାତ୍ରୀ ଓ ତାଲିମଧାରୀଙ୍କୁ ଗବେଷଣାତ୍ମକ ହସ୍ତାନ୍ତରୀକରଣ (ଆସାଇନ୍‌ମେଣ୍ଟ) ପାଇଁ ମାର୍ଗଦର୍ଶନ ଦିଆଯିବା ସହ ଗଣମାଧ୍ୟମ ଓ ଯୋଗାଯୋଗ ଗବେଷଣା କ୍ଷେତ୍ରରେ ସେମାନଙ୍କ ରୁଚି ବଢ଼ାଇବା ତଥା ପେସାଦାରୀ ମନୋଭାବ ସୃଷ୍ଟି କରିବା ଦିଗରେ ସହାୟକ ହୋଇଥାଏ । ପ୍ରସାରଣ, ଗଣମାଧ୍ୟମ ନୀତି, ସ୍ୱାସ୍ଥ୍ୟ ଓ ଆଚରଣ ଏବଂ ସାମାଜିକ ପରିବର୍ତ୍ତନ, ନିର୍ବାଚନ, ମଲ୍‌ଟିମିଡିଆ ଅଭିଯାନ, ସାମାଜିକ ନ୍ୟାୟ ଓ ସଶକ୍ତିକରଣ, ଅଣପାରମ୍ପରିକ ଶକ୍ତି, ଆଉଟ୍-ମାଇଗ୍ରେସନ୍, ଚଳଚ୍ଚିତ୍ର ସେନ୍‌ସର୍‌ସିପ୍ ଆଦି ବିଭିନ୍ନ ବିକାଶମୂଳକ ପ୍ରସଙ୍ଗ ଉପରେ ୧୭୫ରୁ ଅଧିକ ଗବେଷଣା ଓ ମୂଲ୍ୟାୟନ ହୋଇସାରିଛି । ଏହି ଗଣମାଧ୍ୟମ ଅଭିଯାନ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭିନ୍ନ ଗଣମାଧ୍ୟମ ୟୁନିଟ୍‌ର କାର୍ଯ୍ୟାବଳୀର ପ୍ରଭାବୀ ମୂଲ୍ୟ ନିର୍ଦ୍ଧାରଣ ଗବେଷଣା କାର୍ଯ୍ୟାବଳୀର ଅନୁକୂଳ ବୈଶିଷ୍ଟ୍ୟ ।

## ଆଲୋଚନାଚକ୍ର ଓ ସମ୍ମିଳନୀ

ବିଭିନ୍ନ ବିଷୟ ବିଶେଷକରି ସମକାଳୀନ ଗଣମାଧ୍ୟମ ପ୍ରସଙ୍ଗ ଉପରେ ବିଭିନ୍ନ ସମୟରେ ଆଲୋଚନାଚକ୍ର ଓ ସମ୍ମିଳନୀ ଆୟୋଜନ କରାଯାଏ । ଏହି ସମସ୍ୟା ଉପରେ ବିଚାର ବିମର୍ଶ ତଥା ଆଲୋଚନା କରିବାକୁ ଅଗ୍ରଣୀ ଗଣମାଧ୍ୟମ ସଂସ୍ଥା ଓ ବିଶିଷ୍ଟ ସାମ୍ବାଦିକ ଆମନ୍ତ୍ରିତ ହୋଇ ଆସନ୍ତି । ବର୍ଷବର୍ଷ ହେବ, ଏହା ଭାବନା ଓ ଅଭିବ୍ୟକ୍ତି ବିନିମୟର ଏକ ବିଚାରସ୍ଥଳ ପାଲଟିଥିବାବେଳେ ଏହା ଖୁବ୍ ଶିକ୍ଷଣୀୟ ହୋଇଥାଏ ଏବଂ ଗବେଷକ ଓ ଶିକ୍ଷାର୍ଥୀଙ୍କ ଯୋଗାଯୋଗ ପ୍ରକ୍ରିୟାରେ ଏକ ସନ୍ଦର୍ଭ ସାମଗ୍ରୀଭାବେ ସହାୟକ କରିଥାଏ । ଏହାସହ ଶିକ୍ଷାର୍ଥୀ, ତାଲିମଧାରୀ ଓ ଅଧ୍ୟାପକଙ୍କ ସହ ବିନିମୟ ପାଇଁ ଭାରତ ତଥା ବିଦେଶର ବିଭିନ୍ନ

କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ଆଇଆଇଏମ୍‌ସି ନିୟମିତ ନିମନ୍ତ୍ରଣ କରେ ।

## ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ

ଆଇଆଇଏମ୍‌ସି ଇଂରାଜୀ/ ହିନ୍ଦୀ/ ଉର୍ଦ୍ଦୁ/ ଓଡ଼ିଆ/ ମରାଠୀ/ ମାଲାୟଲମ୍ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରୁଛି ।

*ପାଠ୍ୟକ୍ରମର କେତୋଟି ସାଧାରଣ ଉଦ୍ଦେଶ୍ୟ:*

- ଭାରତରେ ଯୋଗାଯୋଗ ଉପରେ ଏକ ବିସ୍ତାର ଦୃଷ୍ଟିକୋଣ ଯୋଗାଇବା ।

- ଦେଶର ସ୍ୱାଧୀନତା ସଂଗ୍ରାମ ତଥା ଜରୁରିକାଳୀନ ସ୍ଥିତି ପରବର୍ତ୍ତୀ ସାମାଜିକ-ରାଜନୈତିକ ଆନ୍ଦୋଳନ ସମୟରେ ଗଣମାଧ୍ୟମର ଭୂମିକା ଏବଂ ଭାରତର ପ୍ରାଚୀନ ଯୋଗାଯୋଗ ପରମ୍ପରା ଓ ଇତିହାସ ସମ୍ପର୍କରେ ଧାରଣା ଦେବା ।

- ପ୍ରଭାବୀ ଯୋଗାଯୋଗ ମାଧ୍ୟମରେ ସାମ୍ବାଦିକଙ୍କ ଅଂଶଗ୍ରହଣ ଓ ଭାଗୀଦାରର ଗୁରୁତ୍ୱାରୋପ କରିବା ।

- ବିଷୟବସ୍ତୁ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏକ କଳାତ୍ମକ ଯୋଗାଯୋଗ ଦକ୍ଷତା ସହିତ ସେମାନଙ୍କୁ ଶୃଙ୍ଖଳିତ କରିବା ।

- ଦେଶ ପାଇଁ ଅଗ୍ରାଧିକାର ଭିତ୍ତିରେ ଏକ ଯଥାଯଥ ଯୋଗାଯୋଗ ରଣନୀତି ବିକାଶ କରିବା ।

- ନୂତନ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସାମ୍ବାଦିକ/ଯୋଗାଯୋଗକାରୀ ପାଇଁ ସୁଯୋଗ ସୃଷ୍ଟି କରିବା ।

- ରିପୋର୍ଟିଂ/ସମ୍ପାଦନା/ପ୍ରସ୍ତୁତି ବିତରଣ କ୍ଷେତ୍ରରେ ନୂତନ/ପ୍ରକଟିତ ପ୍ରଯୁକ୍ତି ବିଦ୍ୟାକୁ ଲୋକଲୋଚନକୁ ଆଣିବା ।

- ମୁକ୍ତ, ସ୍ୱଚ୍ଛ ତଥା ନିରପେକ୍ଷ ଗଣମାଧ୍ୟମ ପ୍ରସାରକୁ ଏକ ଦୃଷ୍ଟିକୋଣ ଦେଇ ଏହାର ନୈତିକ ମୂଲ୍ୟବୋଧ ପ୍ରସାରିତ କରିବା ।

- ବିକାଶ ପ୍ରକ୍ରିୟାରେ ଗଣମାଧ୍ୟମ ବ୍ୟକ୍ତିତ୍ୱଙ୍କ କାର୍ଯ୍ୟଦକ୍ଷତାକୁ ଦ୍ୱିଗୁଣିତ କରି ସମାଜ ଓ ଦେଶ ପ୍ରତି ପ୍ରତିବଦ୍ଧତା କରିବା ଦିଗରେ ସଞ୍ଚାରିତ କରାଇବା ।

- ସରକାରୀ ଗଣମାଧ୍ୟମ ସଂସ୍ଥାର ଭୂମିକା ତଥା ବେସରକାରୀ ପଦକ୍ଷେପକୁ ବୁଝିବା ।

*ଦୁଇଟି ସେମିଷ୍ଟର ଥିବା ଏହି ପାଠ୍ୟକ୍ରମରେ ନିମ୍ନ ବିଷୟ ରହିଛି:*

### ଇଂରାଜୀ/ହିନ୍ଦୀ/ଉର୍ଦ୍ଦୁ/ଓଡ଼ିଆ/ମରାଠୀ/ମାଲାୟଲମ୍ ସାମ୍ବାଦିକତାରେ ସ୍ନାତକୋତ୍ତର

| | |
|---|---|
| ୧. | ଯୋଗାଯୋଗ: ଧାରଣା ଓ ପ୍ରକ୍ରିୟା |
| ୨. | ପ୍ରେସ୍‌ର ଇତିହାସ, ନିୟମ ଓ ନୀତି |
| ୩. | ରିପୋର୍ଟିଂ: ଧାରଣା ଓ ପ୍ରକ୍ରିୟା |
| ୪. | ସମ୍ପାଦନା: ଧାରଣା ଓ ପ୍ରକ୍ରିୟା |
| ୫. | ରିପୋର୍ଟିଂ: ଅଭ୍ୟାସ |
| ୬. | ସମ୍ପାଦନା: ଅଭ୍ୟାସ |
| ୭. | ଗଣମାଧ୍ୟମ ପରିଚାଳନା, ବିଜ୍ଞାପନ ଓ ଲୋକ ସମ୍ପର୍କ |
| ୮. | ରେଡିଓ ଓ ଟିଭି ସାମ୍ବାଦିକତା |
| ୯. | ବିକାଶମୂଳକ ସାମ୍ବାଦିକତା |
| ୧୦. | ନୂତନ ଗଣମାଧ୍ୟମ ଓ ଅନ୍‌ଲାଇନ୍ ସାମ୍ବାଦିକତା |

## ରେଡିଓ ଓ ଟିଭି ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା

*ପାଠ୍ୟକ୍ରମର ଉଦ୍ଦେଶ୍ୟ:*

- କଥ୍ୟ ଶବ୍ଦ ଓ ଦୃଶ୍ୟ ମାଧ୍ୟମରେ ସୃଜନଶୀଳ ଯୋଗଯୋଗରେ ଯୋଗ୍ୟତାର ଉଚ୍ଚସ୍ତରୀୟ ବିକାଶ ।

- ସାମ୍ବାଦିକତା ଦକ୍ଷତା ବିକାଶ କରିବା ଓ ସାମ୍ବାଦିକତା ନୀତି ବୁଝିବା ।

- ଯୋଗାଯୋଗରେ ବୈଷୟିକ ଜ୍ଞାନକୌଶଳ, ବଜାର ଓ ନୀତି ପ୍ରକ୍ରିୟାକୁ ବୁଝିବା ।

- ବିଶ୍ୱସ୍ତରୀୟ ପ୍ରସାରଣ ଓ ଟେଲିଭିଜନ୍ କାରିଗରୀ କୌଶଳଗୁଡ଼ିକ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ।

- ରେଡିଓ/ଟିଭି ରିପୋର୍ଟିଂ/ଆଙ୍କରିଂ/ପ୍ରସ୍ତୁତି ଓ ଉପସ୍ଥାପନର ଖବର ଦକ୍ଷତା ବିକାଶ କରିବା ।

- କ୍ୟାମେରା ପରିଚାଳନା/ଭିଡିଓ ସମ୍ପାଦନା/ଶବ୍ଦ ରେକର୍ଡିଂ/ ନନ୍‌ଲିନିଅର୍ ବ୍ୟବସ୍ଥାରେ ସମ୍ପାଦନା ଓ ସମକାଳୀନ ଅଡିଓ/ଭିଡିଓ ସଫ୍ଟୱେର ବ୍ୟବହାରର ଦକ୍ଷତା ବିକାଶ କରିବା ।

*ଦୁଇଟି ସେମିଷ୍ଟର ଥିବା ଏହି ପାଠ୍ୟକ୍ରମରେ ନିମ୍ନ ବିଷୟ ରହିଛି ।*

| | |
|---|---|
| ୧. | ଯୋଗାଯୋଗ: ଧାରଣା, ପ୍ରକ୍ରିୟା ଓ ତତ୍ତ୍ୱ |
| ୨. | ସାମ୍ବାଦିକତା ପରିଚୟ: ପ୍ରେସ୍‌ର ଇତିହାସ, ଗଣମାଧ୍ୟମ ନିୟମ, ନୀତି ଓ ବିଧି |
| ୩. | ଛାପା ସାମ୍ବାଦିକତା |
| ୪. | ରେଡିଓ ସାମ୍ବାଦିକତା: ଧାରଣା, ପ୍ରକ୍ରିୟା ଓ ପ୍ରସ୍ତୁତି |
| ୫. | ଟିଭି ସାମ୍ବାଦିକତା: ଧାରଣା ଓ ପ୍ରକ୍ରିୟା |
| ୬. | ଟେଲିଭିଜନ୍ ପ୍ରସ୍ତୁତି ଓ ପରିଚାଳନା |
| ୭. | ଟେଲିଭିଜନ୍ ଖବର: ରିପୋର୍ଟିଂ, ସମ୍ପାଦନା ଓ ବୁଲେଟିନ୍ ପ୍ରସ୍ତୁତି |
| ୮. | ରେଡିଓ ଖବର: ରିପୋର୍ଟିଂ, ସମ୍ପାଦନା ଓ ବୁଲେଟିନ୍ ପ୍ରସ୍ତୁତି |
| ୯. | ନୂତନ ଗଣମାଧ୍ୟମ ଓ ଅନ୍‌ଲାଇନ୍ ସାମ୍ବାଦିକତା |
| ୧୦. | ବିଜ୍ଞାପନ, ଲୋକସମ୍ପର୍କ/କର୍ପୋରେଟ୍ ଯୋଗାଯୋଗ ଓ ଗଣମାଧ୍ୟମ ବ୍ୟବସାୟ ପରିଚାଳନା |

## ବିଜ୍ଞାପନ ଓ ଲୋକ ସମ୍ପର୍କରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ

*ପାଠ୍ୟକ୍ରମର ଉଦ୍ଦେଶ୍ୟ:*

- ଯୋଗାଯୋଗ, ମାର୍କେଟିଂ, ବିଜ୍ଞାପନ ଓ ଲୋକ ସମ୍ପର୍କ/କର୍ପୋରେଟ୍ ଯୋଗାଯୋଗର ମୌଳିକ ନିୟମ ଓ ଧାରଣାର ପରିଚୟ ଦେବା ସହ ଯୁବ ବିଦ୍ୱାନଙ୍କୁ ଏ କ୍ଷେତ୍ର ସମ୍ପର୍କରେ ଶକ୍ତ ଆଧାର ଯୋଗାଇଦେବା ।

- ବିଭିନ୍ନ ଷ୍ଟେକ୍‌ହୋଲ୍ଡରଙ୍କ ସହ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବା କ୍ଷେତ୍ରରେ ଯୋଗାଯୋଗର ଭୂମିକା ଓ ଗୁରୁତ୍ୱ ବୁଝିବାରେ ସାହାଯ୍ୟ କରିବା ।

- ସାଙ୍ଗଠନିକ ଲକ୍ଷ୍ୟ ଓ ରଣନୀତି ହାସଲ ପାଇଁ ବିଭିନ୍ନ ଯୋଗାଯୋଗ ଉପକରଣ ମାଧ୍ୟମରେ ସେମାନଙ୍କୁ ଗଠନ କରିବା ଦିଗରେ ସହାୟକ ହେବା ।

- ଯୋଗାଯୋଗର ନବୀନତମ ଉପକରଣର ପରିଚୟ ଦେବା, ବିଶେଷତଃ ବୈଷୟିକ ସଫ୍ଟୱେର୍, ଇଣ୍ଟରନେଟ୍ ଓ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଯୋଗାଯୋଗର କଳା ଓ ବିଜ୍ଞାନ ମଧ୍ୟରେ ସେତୁ ସ୍ଥାପନ କରିବାରେ ସେମାନଙ୍କୁ ସାହାଯ୍ୟ କରିବା ।

- ଯୋଗାଯୋଗ ପରିଚାଳନା କରିବା କ୍ଷେତ୍ରରେ ସେମାନଙ୍କୁ ଉତ୍ତମ ଅଧିନାୟକ/ନିଷ୍ପତ୍ତିକର୍ତ୍ତା ଭାବେ ଗଢ଼ିତୋଳିବା ।

- ଜଟିଳ ସାମାଜିକ-ଅର୍ଥନୈତିକ ସମସ୍ୟା ଉପରେ ଲୋକ ସମ୍ପର୍କ/ବିଜ୍ଞାପନ ଦକ୍ଷତା ବ୍ୟବହାର କରି ସକାରାତ୍ମକ ଜନମତ/ଆଚରଣ/ଦୃଷ୍ଟିକୋଣ ପ୍ରସାରିତ କରିବାର ଦକ୍ଷତା ବୃଦ୍ଧି କରିବା ।

*ଦୁଇଟି ସେମିଷ୍ଟର ଥିବା ଏହି ପାଠ୍ୟକ୍ରମରେ ନିମ୍ନ ବିଷୟ ରହିଛି:*

| | |
|---|---|
| ୧. | ଯୋଗାଯୋଗ ତତ୍ତ୍ୱ ଓ ଗବେଷଣା |
| ୨. | ବିଜ୍ଞାପନ: ମୌଳିକ ନୀତି, ଧାରଣା ଓ ପରିଚାଳନା |
| ୩. | ଲୋକ ସମ୍ପର୍କ: ମୌଳିକ ନୀତି, ଉପକରଣ ଓ କାରିଗରୀ ବିଦ୍ୟା |
| ୪. | ମାର୍କେଟିଂ ପରିଚାଳନା |
| ୫. | ସରକାର ଓ ଲୋକ ସେବା ଯୋଗାଯୋଗ |
| ୬. | ବିଜ୍ଞାପନ ଓ ମାର୍କେଟିଂ ଗବେଷଣା<br>ଭାଗ 'କ': ସେମିଷ୍ଟର ୧ (ତତ୍ତ୍ୱ)<br>ଭାଗ 'ଖ': ସେମିଷ୍ଟର ୨ (ଗବେଷଣା ପ୍ରକଳ୍ପ) |
| ୭. | ପ୍ରସ୍ତୁତି କାରିଗରୀ କୌଶଳ ଓ ପ୍ରଣାଳୀ |
| ୮. | ଗଣମାଧ୍ୟମ ଶିଳ୍ପ ପରିଚାଳନା ଓ କର୍ପୋରେଟ୍ ଯୋଗାଯୋଗ |
| ୯. | ଗଣମାଧ୍ୟମ ଖସଡ଼ା |
| ୧୦. | ସୃଜନଶୀଳତା ଓ ଅଭିଯାନ ଖସଡ଼ା |

## ଶିକ୍ଷା କ୍ୟାଲେଣ୍ଡର

## ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ

**ପ୍ରଥମ ସେମିଷ୍ଟର- ଅଗଷ୍ଟରୁ ଡିସେମ୍ବର**
**ଦ୍ୱିତୀୟ ସେମିଷ୍ଟର- ଜାନୁଆରୀରୁ ମେ**

| | |
|---|---|
| ସେମିଷ୍ଟର ୧ ଆରମ୍ଭ ତାରିଖ | ୧ ଅଗଷ୍ଟ ୨୦୧୯ |
| ଢେଙ୍କାନାଳ କ୍ୟାମ୍ପସ୍ ପାଇଁ ମିଡ୍-ସେମିଷ୍ଟର ଛୁଟି | ଦୁର୍ଗା ପୂଜା ପର୍ବ ପାଇଁ ୧୫ରୁ ୧୯ ଅକ୍ଟୋବର ୨୦୧୮ |
| ନୂଆ ଦିଲ୍ଲୀ, ଆଇଜଲ୍, ଅମରାବତୀ, ଜମ୍ମୁ ଓ କୋଟ୍ଟାୟମ୍ କ୍ୟାମ୍ପସ୍ ପାଇଁ ମିଡ୍-ସେମିଷ୍ଟର ଛୁଟି | ଦୀପାବଳୀ ପର୍ବ ପାଇଁ ୫ରୁ ୯ ନଭେମ୍ବର ୨୦୧୮ |
| ସେମିଷ୍ଟର ୧ ପରୀକ୍ଷା | ୧୭ରୁ ୨୧ ଡିସେମ୍ବର ୨୦୧୮ |
| ଶୀତ ଛୁଟି | ୨୨ ଡିସେମ୍ବର ୨୦୧୮ରୁ ୧ ଜାନୁଆରୀ ୨୦୧୯ |
| ସେମିଷ୍ଟର ୨ ଆରମ୍ଭ ତାରିଖ | ୨ ଜାନୁଆରୀ ୨୦୧୯ |
| ସେମିଷ୍ଟର ୨ ପରୀକ୍ଷା | ୨୨ ରୁ ୨୬ ଏପ୍ରିଲ୍ ୨୦୧୯ |
| ଇଣ୍ଟର୍ଣ୍ଣସିପ୍ (୪ ସପ୍ତାହ ପାଇଁ) | ମେ ୨୦୧୯ |
| ଫଳାଫଳ ଘୋଷଣା ଓ ଶିକ୍ଷା ଅଧିବେଶନ ଶେଷ | ମେ ମାସର ଶେଷ ସପ୍ତାହ କିମ୍ବା ଜୁନ୍‌ର ପ୍ରଥମ ସପ୍ତାହ, ୨୦୧୯ |

## ଯୋଗ୍ୟତା ମାନଦଣ୍ଡ

***ଜାତୀୟତା:*** ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ପାଇଁ କେବଳ ଭାରତୀୟ ଜାତୀୟତା ଯୋଗ୍ୟ ବିବେଚିତ । ପ୍ରବାସୀ ଭାରତୀୟ/ ପ୍ରବାସୀ ଭାରତୀୟ ପ୍ରାୟୋଜିତ ପ୍ରାର୍ଥୀଙ୍କ ପାଇଁ ପ୍ରତ୍ୟେକ ପାଠ୍ୟକ୍ରମରେ ଅତିରିକ୍ତ ଭାବେ ପାଞ୍ଚଟି ଆସନ ଉପଲବ୍ଧ ରହିଛି । (ପ୍ରବାସୀ ଭାରତୀୟ/ ପ୍ରବାସୀ ଭାରତୀୟ ପ୍ରାୟୋଜିତ ପ୍ରାର୍ଥୀ ଉଭୟ ନନ୍-ଏନ୍‌ଆର୍‌ଆଇ ଓ ଏନ୍‌ଆର୍‌ଆଇ ବର୍ଗରେ ଆବେଦନ କରିବାକୁ ଚାହୁଁଥିଲେ ପ୍ରତ୍ୟେକ ବର୍ଗ ପାଇଁ ଭିନ୍ନ ଆବେଦନ ପତ୍ର ଦାଖଲ କରିବା ଆବଶ୍ୟକ) । ନନ୍-ଏନ୍‌ଆର୍‌ଆଇ ସିଟ୍ ପାଇଁ ଆବଶ୍ୟକ ଯୋଗ୍ୟତା, ଲିଖିତ ପ୍ରବେଶିକା ପରୀକ୍ଷାରେ ଉତ୍କୃଷ୍ଟତା, ସାମୂହିକ ଆଲୋଚନା/ସାକ୍ଷାତକାର, କିମ୍ବା ଉଭୟ (ଯିଏ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି) ଆଧାରରେ ନନ୍-ଏନ୍‌ଆର୍‌ଆଇ ଆସନର ଚୟନ କରାଯିବ । ପ୍ରବାସୀ ଭାରତୀୟ/ ପ୍ରବାସୀ ଭାରତୀୟ ପ୍ରାୟୋଜିତ ପ୍ରାର୍ଥୀଙ୍କ ପାଇଁ ଲିଖିତ ପରୀକ୍ଷା ଦେବାର ଆବଶ୍ୟକତା ନାହିଁ । ତେବେ, ସେମାନଙ୍କୁ ସାମୂହିକ ଆଲୋଚନା/ ସାକ୍ଷାରକାର, କିମ୍ବା ଉଭୟରେ ଭାଗ ନେବାକୁ ହେବ ।

***ଆବଶ୍ୟକ:*** ଯେକୌଣସି ବିଭାଗରେ ସ୍ନାତକ । ଯେଉଁମାନେ ସ୍ନାତକ ଡିଗ୍ରୀ ପାଇଁ ପରୀକ୍ଷା ଦେଇଛନ୍ତି କିମ୍ବା ଦେଉଛନ୍ତି, ସେମାନେ ମଧ୍ୟ ଆବେଦନ କରିବାକୁ ଯୋଗ୍ୟ । ଯଦି ଚୟନ ହୁଅନ୍ତି, ସେମାନଙ୍କୁ ୩୧ ଅଗଷ୍ଟ ୨୦୧୮ ସୁଦ୍ଧା ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟରୁ ଅନ୍ତତଃ ପ୍ରୋଭିଜନାଲ୍ ସାର୍ଟିଫିକେଟ୍ ଦାଖଲ କରିବାକୁ ହେବ । ଯଦି ଏଥିରେ ସେମାନେ ବିଫଳ ହୁଅନ୍ତି, ତେବେ ସେମାନଙ୍କ ପ୍ରୋଭିଜନାଲ୍ ନାମଲେଖା ବାତିଲ କରାଯିବ ।

***ଜନ୍ମ ତାରିଖ:*** ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପାଇଁ: ୧.୮.୧୯୯୩ କିମ୍ବା ପରେ । ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ଶାରୀରିକ ଭିନ୍ନକ୍ଷମ ପ୍ରାର୍ଥୀଙ୍କ ପାଇଁ ୧.୮.୧୯୮୮ କିମ୍ବା ପରେ । ଅନ୍ୟ ପଛୁଆ ବର୍ଗ ପାଇଁ ଏହା ୧.୮.୧୯୯୦ କିମ୍ବା ପରେ ।

### ଆସନ ସଂଖ୍ୟା

| ପାଠ୍ୟକ୍ରମ | ଦିଲ୍ଲୀ | ଢେଙ୍କାନାଳ | ଅମରାବତୀ | ଆଇଜଲ୍ | ଜମ୍ମୁ | କୋଟ୍ଟାୟମ୍ |
|---|---|---|---|---|---|---|
| ସାମ୍ବାଦିକତା (ହିନ୍ଦୀ) | ୬୨ | - | - | - | - | - |
| ସାମ୍ବାଦିକତା (ଇଂରାଜୀ) | ୬୨ | ୬୨ | ୧୫ | ୧୫ | ୧୫ | ୧୫ |
| ରେଡିଓ ଓ ଟିଭି ସାମ୍ବାଦିକତା | ୪୬ | - | - | - | - | - |
| ବିଜ୍ଞାପନ ଓ ଲୋକସମ୍ପର୍କ | ୭୦ | - | - | - | - | - |
| ସାମ୍ବାଦିକତା (ଓଡ଼ିଆ) | - | ୨୩ | - | - | - | - |
| ସାମ୍ବାଦିକତା (ଉର୍ଦ୍ଦୁ) | ୧୫ | - | - | - | - | - |
| ସାମ୍ବାଦିକତା (ମରାଠୀ) | - | - | ୧୫ | - | - | - |
| ସାମ୍ବାଦିକତା (ମାଲାୟଲମ୍) | - | - | - | - | - | ୧୫ |

## ଆସନ ସଂରକ୍ଷଣ

ଭାରତ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ଶାରୀରିକ ଭିନ୍ନକ୍ଷମ/ପଛୁଆ ବର୍ଗ ପ୍ରାର୍ଥୀଙ୍କ ପାଇଁ ଆସନ ସଂରକ୍ଷିତ ରହିଛି ।

## ପ୍ରାର୍ଥୀଙ୍କ ଚୟନ

୨୭ ମେ ୨୦୧୮ରେ ନୂଆ ଦିଲ୍ଲୀ/ଅହମ୍ମଦାବାଦ/ଆଇଜଲ୍/ଅମରାବତୀ/ବେଙ୍ଗାଲୁରୁ/ଭୋପାଲ/ଚେନ୍ନାଇ/ଡେରାଡୁନ୍/ଢେଙ୍କାନାଳ/ଗୌହାଟି/ହାଇଦ୍ରାବାଦ/ଜମ୍ମୁ/କୋଲ୍କାତା/କୋଟ୍ଟାୟମ୍/ଲକ୍ଷ୍ନୌ/ମୁମ୍ବାଇ/ପାଟନା/ରାଞ୍ଚି/ରାୟପୁର/ଶ୍ରୀନଗରରେ ଲିଖିତ ପ୍ରବେଶିକା ପରୀକ୍ଷା ଦେବା ପାଇଁ ଯୋଗ୍ୟ ପ୍ରାର୍ଥୀ ନିଜ ଖର୍ଚ୍ଚରେ ଆସିବାକୁ ହେବ । ଯେକୌଣସି କେନ୍ଦ୍ର (ନିଜ ପସନ୍ଦଠାରୁ ଭିନ୍ନ)କୁ ଯେକୌଣସି ପ୍ରାର୍ଥୀଙ୍କୁ ପ୍ରଶାସନିକ କାରଣ ପାଇଁ ଡାକିବାର ଅଧିକାର ସଂସ୍ଥାନର ଅଛି । ଉର୍ଦ୍ଦୁରେ ସାମ୍ବାଦିକତା ପାଠ୍ୟକ୍ରମ ପାଇଁ ଲିଖିତ ପ୍ରବେଶିକା ପରୀକ୍ଷା ୨୬ ମେ ୨୦୧୮ରେ ନୂଆ ଦିଲ୍ଲୀ/ଭୋପାଲ/ଶ୍ରୀନଗର/ଜମ୍ମୁ/ହାଇଦ୍ରାବାଦ/ଲକ୍ଷ୍ନୌ/ମୁମ୍ବାଇ/ପାଟନାରେ ଅନୁଷ୍ଠିତ ହେବ । ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମ ପାଇଁ ଲିଖିତ ପ୍ରବେଶିକା ପରୀକ୍ଷା ୨୬ ମେ ୨୦୧୮ରେ ଢେଙ୍କାନାଳରେ ଅନୁଷ୍ଠିତ ହେବ । ମରାଠୀ ସାମ୍ବାଦିକତା ପାଠ୍ୟକ୍ରମ ପାଇଁ ଲିଖିତ ପ୍ରବେଶିକା ପରୀକ୍ଷା ୨୬ ମେ ୨୦୧୮ରେ ମୁମ୍ବାଇ ଓ ଅମରାବତୀରେ ଏବଂ ମାଲାୟଲମ୍ ସାମ୍ବାଦିକତା ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା କୋଟ୍ଟାୟମ୍‌ରେ ହେବ ।

ଯେଉଁ ପ୍ରାର୍ଥୀମାନେ ଲିଖିତ ପ୍ରବେଶିକା ପରୀକ୍ଷା ଦେବେ ସେମାନେ ରଖିଥିବା ନମ୍ବର ଅନୁସାରେ ତାଲିକାଭୁକ୍ତ କରାଯିବ । ପ୍ରତ୍ୟେକ ପାଠ୍ୟକ୍ରମ ପାଇଁ (ପ୍ରତ୍ୟେକ ପାଠ୍ୟକ୍ରମରେ ଥିବା ସଂରକ୍ଷିତ ଆସନ ପାଇଁ ଏକ ଅଲଗା ସର୍ଟଲିଷ୍ଟକୁ ମିଶାଇ) ଉତ୍କୃଷ୍ଟତା ଆଧାରରେ ସର୍ଟଲିଷ୍ଟ ପ୍ରସ୍ତୁତ କରାଯିବ । ନୂଆ ଦିଲ୍ଲୀରେ (ପ୍ରାର୍ଥୀଙ୍କ ନିଜ ଖର୍ଚ୍ଚରେ) ଜୁନ୍ ଶେଷ ସପ୍ତାହ/ଜୁଲାଇ ପ୍ରଥମ ସପ୍ତାହ ମଧ୍ୟରେ ସର୍ଟଲିଷ୍ଟେଡ୍ ପ୍ରାର୍ଥୀମାନଙ୍କୁ ସାକ୍ଷାତକାର/ସାମୂହିକ ଆଲୋଚନା ପାଇଁ ଡକାଯିବ । **ଅଗ୍ରାଧିକାର ଆଧାରରେ ଆଞ୍ଚଳିକ ଶାଖାରେ ନାମଲେଖା ପାଇଁ ଯଦି ଅଧିକ ସଂଖ୍ୟାକ ପ୍ରାର୍ଥୀ ଆବେଦନ କରିଥା'ନ୍ତି, ତେବେ ସେହି ଆଞ୍ଚଳିକ କ୍ୟାମ୍ପସ୍‌ରେ କିମ୍ବା ନିକଟସ୍ଥ ଅନ୍ୟ କୌଣସି ସହରରେ ସାକ୍ଷାତକାର ହୋଇପାରେ । ସାକ୍ଷାତକାର ପୂର୍ବରୁ ପ୍ରାର୍ଥୀଙ୍କୁ ଏହି ସ୍ଥାନ ବିଷୟରେ ସୂଚନା ଦିଆଯିବ ।**

ଉଭୟ ଲିଖିତ ପରୀକ୍ଷା ଏବଂ ସାକ୍ଷାତକାର/ସାମୂହିକ ଆଲୋଚନାରେ ରଖିଥିବା ନମ୍ବର ଆଧାରରେ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଏକ ତାଲିକା ପ୍ରସ୍ତୁତ କରାଯିବ । ଲିଖିତ ପରୀକ୍ଷା ଓ ସାକ୍ଷାତକାର/ଦଳଗତ ଆଲୋଚନାର ନମ୍ବର ଅନୁପାତ ହେବ ୭୫:୨୫ ।

## ଗୁରୁତ୍ୱପୂର୍ଣ୍ଣ ସୂଚନା

**ପ୍ରାର୍ଥୀମାନେ ସାମ୍ବାଦିକତା (ଇଂରାଜୀ)ରେ ସ୍ନାତକୋତ୍ତର ଡିପ୍ଲୋମା ପାଇଁ ଆବେଦନ କରିବା ବେଳେ ଅଗ୍ରାଧିକାର ଅନୁସାରେ ସେମାନଙ୍କର ପସନ୍ଦ ନୂଆ ଦିଲ୍ଲୀ, ଢେଙ୍କାନାଳ (ଓଡ଼ିଶା), ଆଇଜଲ୍ (ମିଜୋରାମ୍), ଅମରାବତୀ (ମହାରାଷ୍ଟ୍ର), ଜମ୍ମୁ (ଜମ୍ମୁ ଓ କାଶ୍ମୀର) କିମ୍ବା କୋଟ୍ଟାୟମ୍ (କେରଳ) କ୍ୟାମ୍ପସ୍ ବୋଲି ଉଦ୍ଦିଷ୍ଟ କୋଠରୀରେ ସ୍ପଷ୍ଟ ଭାବେ ଲେଖିବା ସବୁଠୁଁ ଗୁରୁତ୍ୱପୂର୍ଣ୍ଣ । ପ୍ରବେଶିକା ପରୀକ୍ଷାର ଫଳାଫଳ ସହ ଉତ୍କୃଷ୍ଟତା-ପସନ୍ଦ ଆଧାରରେ କ୍ୟାମ୍ପସ୍ ସ୍ଥିର କରାଯିବ । କୌଣସି କ୍ଷେତ୍ରରେ ଯଦି ପ୍ରାର୍ଥୀ ନିଜର ପସନ୍ଦ ନ ଦର୍ଶାଇନଥା'ନ୍ତି, ତେବେ ସଂସ୍ଥାନ ନିଜ ବିଚାରରେ ଯେକୌଣସି କ୍ୟାମ୍ପସ୍‌ର ଆସନ ଦେବେ । ଥରେ ଚୟନ ଚୂଡ଼ାନ୍ତ ହୋଇଗଲା ପରେ କ୍ୟାମ୍ପସ୍ ପରିବର୍ତ୍ତନ ପାଇଁ କୌଣସି ଅନୁରୋଧ ଗ୍ରହଣ କରାଯିବ ନାହିଁ ।**

ଡାକ ସମ୍ପର୍କିତ ବିଳମ୍ବ ଏବଂ/କିମ୍ବା ପ୍ରେରଣ କାଳରେ ଦସ୍ତାବିଜ ହଜିଯିବା ପାଇଁ ସଂସ୍ଥାନ ଦାୟୀ ରହିବ ନାହିଁ । କୌଣସି ମାମଲାରେ କୌଣସି ମକଦ୍ଦମା କେବଳ ଦିଲ୍ଲୀ କୋର୍ଟରେ ବିଚାର ହୋଇପାରିବ ।

## ପାଠ୍ୟକ୍ରମ ଦେୟ

| ପାଠ୍ୟକ୍ରମ | ଟ୍ୟୁସନ୍ ଦେୟ | ଏନ୍ଆରଆଇ ବର୍ଗ ପାଇଁ ଟ୍ୟୁସନ୍ ଦେୟ |
|---|---|---|
| ସାମ୍ବାଦିକତା (ହିନ୍ଦୀ) | ୭୯,୦୦୦ ଟଙ୍କା | ୮,୦୦୦ ଆମେରିକୀୟ ଡଲାର |
| ସାମ୍ବାଦିକତା (ଇଂରାଜୀ) | ୭୯,୦୦୦ ଟଙ୍କା | ୮,୦୦୦ ଆମେରିକୀୟ ଡଲାର |
| ରେଡିଓ ଓ ଟେଲିଭିଜନ୍ ସାମ୍ବାଦିକତା | ୧,୪୫,୦୦୦ ଟଙ୍କା | ୧୨,୦୦୦ ଆମେରିକୀୟ ଡଲାର |
| ବିଜ୍ଞାପନ ଓ ଲୋକ ସମ୍ପର୍କ | ୧,୧୨,୦୦୦ ଟଙ୍କା | ୧୨,୦୦୦ ଆମେରିକୀୟ ଡଲାର |
| ସାମ୍ବାଦିକତା (ଓଡ଼ିଆ) | ୪୩,୦୦୦ ଟଙ୍କା | |
| ସାମ୍ବାଦିକତା (ଉର୍ଦ୍ଦୁ) | ୪୩,୦୦୦ ଟଙ୍କା | |
| ସାମ୍ବାଦିକତା (ମରାଠୀ) | ୪୩,୦୦୦ ଟଙ୍କା | |
| ସାମ୍ବାଦିକତା (ମାଲାୟଲମ୍) | ୪୩,୦୦୦ ଟଙ୍କା | |

**ଏନ୍‌ଆର୍‌ଆଇ ପ୍ରାର୍ଥୀମାନେ ଆବେଦନ ପତ୍ର ସହ ସାମୂହିକ ଆଲୋଚନା ଓ ସାକ୍ଷାତକାର ଦେୟ ପାଇଁ ଆଇଆଇଏମ୍‌ସି, ନୂଆ ଦିଲ୍ଲୀ ପକ୍ଷରେ ୫୦ ଆମେରିକୀୟ ଡଲାର ନିଶ୍ଚୟ ପଠାଇବାକୁ ହେବ ।**

## ଅର୍ଥପ୍ରଦାନ କାର୍ଯ୍ୟସୂଚୀ

ଦୁଇଟି କିସ୍ତିରେ ଛାତ୍ରଛାତ୍ରୀମାନେ ସେମାନଙ୍କର ଦେୟ ପୈଠ କରିବାକୁ ହେବ । ଜୁଲାଇ ୨୦୧୮ରେ ଦିଆଯାଇଥିବା ତାରିଖରେ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମର ପ୍ରଥମ କିସ୍ତି ପ୍ରଦାନ କରିବାକୁ ହେବ । ପ୍ରଥମ କିସ୍ତି ପୈଠ ପରେ ଯଦି କୌଣସି କାରଣରୁ ସଂସ୍ଥାନକୁ ନଜଣାଇ ଯଦି କେହି ପ୍ରାର୍ଥୀ ୧୦.୯.୨୦୧୮ ସୁଦ୍ଧା କ୍ଲାସ୍‌ରେ ଯୋଗ ନଦିଅନ୍ତି, ତେବେ ବାଧ୍ୟ ହୋଇ ତାଙ୍କ ନାମଲେଖା ନାକଚ କରାଯିବ ଓ ଉତ୍କୃଷ୍ଟତା ତାଲିକାରେ ଥିବା ପରବର୍ତ୍ତୀ ପ୍ରାର୍ଥୀଙ୍କୁ ଏହି ଖାଲି ଆସନ ଅର୍ପଣ କରାଯିବ ଏବଂ **ସେ ଦେଇଥିବା ଦେୟ ଜୋରିମାନା ଆକାରରେ ହରାଇବେ ।**

ଟ୍ୟୁସନ୍ ଦେୟର ଦ୍ୱିତୀୟ କିସ୍ତି ୧୫ ଜାନୁଆରୀ ୨୦୧୯ ସୁଦ୍ଧା ପୈଠ କରିବାକୁ ହେବ ।

୧୫ ଜାନୁଆରୀ ୨୦୧୯ ପରେ ଦ୍ୱିତୀୟ କିସ୍ତିର ବିଳମ୍ବ ଦେୟ ପ୍ରଦାନ ପାଇଁ ଦିନକୁ ୨୦ ଟଙ୍କା ହିସାବରେ ଅଧିକ ଅର୍ଥ ଆଦାୟ କରାଯିବ । ୩୧ ଜାନୁଆରୀ ୨୦୧୯ ସୁଦ୍ଧା ଯଦି କେହି ବିଳମ୍ବ ଦେୟ ସହ କିସ୍ତି ପୈଠ କରିବେ ନାହିଁ, ତେବେ ତାଙ୍କ ନାମ ପାଠ୍ୟକ୍ରମ ତାଲିକାରୁ କଟାଯିବ । ଏକ୍ଷେତ୍ରରେ ସେହି ପ୍ରାର୍ଥୀଙ୍କୁ ୧୫ ଫେବୃଆରୀ ୨୦୧୯ ସୁଦ୍ଧା ପୁନଃ-ନାମଲେଖା ପାଇଁ ୫୦୦ ଟଙ୍କା ଦେବାକୁ ହେବ । ପୁନଃ-ନାମଲେଖାର ଅଧିକାର ସଂସ୍ଥାନ ପାଇଁ ସଂରକ୍ଷିତ ଅଛି । **ଯଦି କୌଣସି ଶିକ୍ଷାର୍ଥୀ ଅଧାରୁ ପାଠପଢ଼ା ଛାଡ଼ିଦିଅନ୍ତି, ତେବେ ତାଙ୍କ କିସ୍ତି (ଗୋଟିଏ/ଦୁଇଟି) ଫେରସ୍ତ କରାଯିବ ନାହିଁ ।**

## ଦେୟ ଫେରସ୍ତ

ଯଦି କୌଣସି ପ୍ରାର୍ଥୀ ପାଠ୍ୟକ୍ରମ ଆରମ୍ଭ ପୂର୍ବରୁ ନିଜ ନାମ ପ୍ରତ୍ୟାହାର କରନ୍ତି, ତେବେ ପ୍ରକ୍ରିୟାକରଣ ଦେୟ ବାବଦକୁ ୧୦୦୦ ଟଙ୍କା ବିଯୁକ୍ତ କରାଯାଇ ଦେୟ ଫେରସ୍ତ କରାଯିବ ।

## ଶିକ୍ଷାର୍ଥୀ ମଙ୍ଗଳ ପାଣ୍ଠି ବହୁବିଧ ଖର୍ଚ୍ଚ

ନାମଲେଖା ସମୟରେ ଶିକ୍ଷାର୍ଥୀ ମଙ୍ଗଳ ପାଣ୍ଠି/ ବହୁବିଧ ଖର୍ଚ୍ଚ ବାବଦକୁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ୩,୫୦୦ ଟଙ୍କା ଜମା କରିବାକୁ ହେବ । ସମାବର୍ତ୍ତନ ଉତ୍ସବ ସମୟରେ ପ୍ରତ୍ୟେକ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଏହି ଅର୍ଥ ଫେରାଇ ଦିଆଯିବ ।

## ଆର୍ଥିକ ସହାୟତା ଏବଂ ପୁରସ୍କାର

ଆବଶ୍ୟକ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଥିକ ସହାୟତାର ବ୍ୟବସ୍ଥା ରହିଛି । ଦିଲ୍ଲୀ ଓ ଅନ୍ୟ ଆଞ୍ଚଳିକ ଶାଖାଗୁଡ଼ିକରେ ଉତ୍କୃଷ୍ଟତା-ମନେ କରିବା ଆଧାରରେ ପ୍ରତ୍ୟେକ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ପାଇଁ ଅଧା/ଏକ ଚତୁର୍ଥାଂଶ ଫ୍ରିସିପ୍ ରହିଛି । ପ୍ରଥମ ସେମିଷ୍ଟର ପରୀକ୍ଷା ଫଳ ଏବଂ ଉପସ୍ଥିତି ଆଧାରରେ ଏହା ଦିଆଯିବ ।

ଛାତ୍ରଛାତ୍ରୀଙ୍କ ସକାଶେ ରହିଥିବା ଦେୟମୁକ୍ତ ପାଇଁ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିବା ଲାଗି ପ୍ରତ୍ୟେକ ବର୍ଷ ଏକ ସମିତି ଗଠନ କରାଯାଏ ।

**ଫ୍ରିସିପ୍ ପାଇଁ ଆବେଦନ କରିବାକୁ ହେଲେ, ଆବେଦନ ପତ୍ରରେ ଦର୍ଶାଯାଇଥିବା ପରିବାରର ବାର୍ଷିକ ରୋଜଗାର ପ୍ରମାଣ କରିବାକୁ ଆବଶ୍ୟକ କର୍ତ୍ତୃପକ୍ଷଙ୍କଠାରୁ ପ୍ରମାଣପତ୍ର ଆଣି ଦାଖଲ କରିବାକୁ ହେବ । ପରିବାରର ରୋଜଗାର ନେଇ ସଂଲଗ୍ନ ଘୋଷଣାନାମା ସହ ଯଦି ଆବେଦନ ପତ୍ରରେ ଦର୍ଶାଯାଇଥିବା ତଥ୍ୟ ଅମେଳ ହୁଏ, ତେବେ ଏହାକୁ ବିଚାରକୁ ନିଆଯିବ ନାହିଁ ।**

## ବୃତ୍ତି

ପ୍ରବେଶିକା ପରୀକ୍ଷାରେ ଉତ୍କର୍ଷତା ଲାଭ କରିଥିବା ହିନ୍ଦୀ ସାମ୍ବାଦିକତା ପାଠ୍ୟକ୍ରମର ଜଣେ ମେଧାବୀ ଛାତ୍ରୀଙ୍କୁ **'ରତି ଅଗ୍ରୱାଲ୍ ବୃତ୍ତି'** ପ୍ରଦାନ କରାଯିବ ।

ପ୍ରବେଶିକା ପରୀକ୍ଷାରେ ଉତ୍କର୍ଷତା ଲାଭ କରିଥିବା ରେଡିଓ ଓ ଟିଭି ସାମ୍ବାଦିକତା ପାଠ୍ୟକ୍ରମର ଜଣେ ମେଧାବୀ ଶିକ୍ଷାର୍ଥୀଙ୍କୁ **'ଷ୍ଟାର୍ ଟିଭି ବୃତ୍ତି'** ପ୍ରଦାନ କରାଯିବ ।

ପ୍ରବେଶିକା ପରୀକ୍ଷାର ପ୍ରଦର୍ଶନ ଓ ପାଠ୍ୟକ୍ରମ ସମାପ୍ତି ପରେ ଚୂଡ଼ାନ୍ତ ଫଳାଫଳ ଆଧାରରେ ବିଜ୍ଞାପନ ଓ ଲୋକ ସମ୍ପର୍କ ବିଭାଗର ଦୁଇ ମେଧାବୀ ଶିକ୍ଷାର୍ଥୀଙ୍କୁ **'ଅଚିନ୍ ଗାଙ୍ଗୁଲି ବୃତ୍ତି'** ପ୍ରଦାନ କରାଯିବ ।

ପ୍ରବେଶିକା ପରୀକ୍ଷା ଓ ପ୍ରଥମ ସେମିଷ୍ଟର ପରୀକ୍ଷାର ପ୍ରଦର୍ଶନ ଆଧାରରେ ହିନ୍ଦୀ ସାମ୍ବାଦିକତା ଏବଂ ରେଡିଓ ଓ ଟିଭି ସାମ୍ବାଦିକତାର ଜଣେ ଲେଖାଏଁ ମେଧାବୀ ଶିକ୍ଷାର୍ଥୀଙ୍କୁ **'ଯଶବିନ୍ଦର ସିଂହ ସ୍ମାରକୀ ବୃତ୍ତି'** ପ୍ରଦାନ କରାଯିବ ।

ଢେଙ୍କାନାଳ କ୍ୟାମ୍ପସ୍‌ରେ ପ୍ରଥମ ସେମିଷ୍ଟର ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଓଡ଼ିଆ ସାମ୍ବାଦିକତା ଶିକ୍ଷାର୍ଥୀଙ୍କୁ **'ରାଧାନାଥ ରଥ ବୃତ୍ତି'** ପ୍ରଦାନ କରାଯିବ ।

ଢେଙ୍କାନାଳ କ୍ୟାମ୍ପସ୍‌ରେ ପ୍ରଥମ ସେମିଷ୍ଟର ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଇଂରାଜୀ ସାମ୍ବାଦିକତା ଶିକ୍ଷାର୍ଥୀଙ୍କୁ **'ସତ୍ୟ ମହାପାତ୍ର ସ୍ମାରକୀ ବୃତ୍ତି'** ପ୍ରଦାନ କରାଯିବ ।

## ଛାତ୍ରଛାତ୍ରୀଙ୍କ ଉପସ୍ଥିତି

**ପ୍ରତ୍ୟେକ ସେମିଷ୍ଟର ପାଇଁ ପରୀକ୍ଷା ଦେବାକୁ ହେଲେ ଛାତ୍ରଛାତ୍ରୀଙ୍କୁ ସର୍ବନିମ୍ନ ୭୫ ପ୍ରତିଶତ ଉପସ୍ଥିତି (ହାଜିରା) ରଖିବାକୁ ହେବ । ଆବଶ୍ୟକ ଉପସ୍ଥିତିଠାରୁ କମ୍ ରହିଲେ ଶିକ୍ଷାର୍ଥୀଙ୍କୁ ସେମିଷ୍ଟର ପରୀକ୍ଷାରେ ବସିବା ପାଇଁ ଅନୁମତି ଦିଆଯିବ ନାହିଁ ।**

ଅନୁପସ୍ଥିତି ଯଦି ଶିକ୍ଷାର୍ଥୀଙ୍କ ନିୟନ୍ତ୍ରଣ ବାହାରେ ଥିବାର ସନ୍ତୋଷଜନକ କାରଣ ଥାଏ, ତେବେ ମହାନିର୍ଦ୍ଦେଶକ ୫ ପ୍ରତିଶତ ହାଜିରା ବୃଦ୍ଧି କରିପାରନ୍ତି ।

**ସେମିଷ୍ଟର-ଏଣ୍ଡ୍ ପରୀକ୍ଷା ପାଇଁ ଯାଞ୍ଚ କ୍ଷେତ୍ରରେ** କୌଣସି ଉତ୍ତର ଖାତାର ପୁନଃ-ମୂଲ୍ୟାୟନ ହେବ ନାହିଁ । ଯଦି କୌଣସି ଉତ୍ତର ମୂଲ୍ୟାୟନରେ ମିଶିନଥାଏ ତେବେ ମୋଟ ନମ୍ବର ଏବଂ/କିମ୍ବା ପୁଙ୍ଖାନୁପୁଙ୍ଖ ତର୍ଜମା ପାଇଁ ଲିଖିତ ଅନୁରୋଧକ୍ରମେ ପ୍ରତ୍ୟେକ ବିଷୟ ପାଇଁ ୧୦୦ ଟଙ୍କା ଦେୟ ସହ ପୁନଃ-ଯାଞ୍ଚ କରାଯାଇପାରିବ ।

## ସପ୍ଲିମେଣ୍ଟାରୀ ପରୀକ୍ଷା

ସପ୍ଲିମେଣ୍ଟାରୀ ପରୀକ୍ଷାରେ ବସିବା ପାଇଁ ଯୋଗ୍ୟ ବିବେଚିତ ହେବାକୁ ସର୍ବନିମ୍ନ ୫୦ ପ୍ରତିଶତ ଉପସ୍ଥିତି ରହିବା ଦରକାର । କୌଣସି ଶିକ୍ଷାର୍ଥୀଙ୍କ ଉପସ୍ଥିତି ୫୦ ପ୍ରତିଶତରୁ କମ୍ ଥିଲେ ତାଙ୍କୁ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବା ପାଇଁ ଅନୁମତି ଦିଆଯିବ ନାହିଁ ଏବଂ ତାଙ୍କ ନାମ ପାଠ୍ୟକ୍ରମ ତାଲିକାରୁ କଟାଯିବ ।

କୌଣସି କ୍ଷେତ୍ରରେ ଶିକ୍ଷାର୍ଥୀ ଗୋଟିଏ କିମ୍ବା ଅଧିକ ବିଷୟ ପରୀକ୍ଷା ଦେଇନପାରନ୍ତି କିମ୍ବା ଗୋଟିଏ ବା ଅଧିକ ବିଷୟରେ ସର୍ବନିମ୍ନ ନମ୍ବର ରଖିବାରେ ବିଫଳ ହୁଅନ୍ତି କିମ୍ବା ଉପସ୍ଥିତି ଅଭାବରୁ ପରୀକ୍ଷା ଦେଇନପାରନ୍ତି, ଶିକ୍ଷା ଅଧିବେଶନ ସମାପ୍ତି ପରେ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଅନୁରୋଧ ବିଚାରକୁ ନିଆଯିବ । ସପ୍ଲିମେଣ୍ଟାରୀ ପରୀକ୍ଷା ଦେୟ ବାବଦକୁ ଗୋଟିଏ ବିଷୟ ପାଇଁ ୫୦୦ ଟଙ୍କା ନିଆଯିବ ଏବଂ ଯଦି ସେ ଉତ୍ତୀର୍ଣ୍ଣ ହୁଅନ୍ତି, ତେବେ ତାଙ୍କୁ ଡିପ୍ଲୋମା ଉପାଧି ଦିଆଯିବ । ଉପରଲିଖିତ ଉପସ୍ଥିତି ମାନଦଣ୍ଡ ଯଦି ଶିକ୍ଷାର୍ଥୀ ପୂରଣ କରନ୍ତି, ତେବେ ସେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇପାରିବେ ।

ସପ୍ଲିମେଣ୍ଟାରୀ ପରୀକ୍ଷା ଦେବା ପାଇଁ ଶିକ୍ଷାର୍ଥୀଙ୍କୁ କେବଳ ଗୋଟିଏ ସୁଯୋଗ ଦିଆଯିବ ଯାହା ପରବର୍ତ୍ତୀ ଶିକ୍ଷା ଅଧିବେଶନ ସମୟର ପ୍ରଥମ ସେମିଷ୍ଟର ପରୀକ୍ଷା ସମୟରେ ।

ସପ୍ଲିମେଣ୍ଟାରୀ ପରୀକ୍ଷାର ମାର୍କ ସିଟ୍‌ରେ 'ସପ୍ଲିମେଣ୍ଟାରୀ' ବୋଲି ଲେଖାଯିବ । ଅଲଗା ବର୍ଦ୍ଧିତ ମାର୍କ ସିଟ୍ ଇସ୍ୟୁ କରାଯିବ ନାହିଁ ।

## ଡିପ୍ଲୋମା ପାଇଁ ଯୋଗ୍ୟତା

ଡିପ୍ଲୋମା ପ୍ରମାଣପତ୍ରର ଉପାଧି ପାଇଁ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ପ୍ରଥମ ଓ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଦେବାକୁ ପଡ଼ିବ ଓ ସର୍ବନିମ୍ନ ପ୍ରତି ବିଷୟରେ ୪୦ ପ୍ରତିଶତ ନମ୍ବର ରଖିବାକୁ ହେବ ।

## ଶିକ୍ଷାର୍ଥୀ ଶୃଙ୍ଖଳା

- ମୂଲ୍ୟାୟନ ବ୍ୟବସ୍ଥା, ଶିକ୍ଷା ପ୍ରଦର୍ଶନର ସର୍ବନିମ୍ନ ସ୍ତର, ଶୃଙ୍ଖଳା, ଉପସ୍ଥିତି ଆଦି ଉପରେ ସଂସ୍ଥାନ ବିଭିନ୍ନ ସମୟରେ ଲାଗୁ କରୁଥିବା ଆବଶ୍ୟକ ନିୟମାବଳୀ ଓ ବିଧି କଡ଼ାକଡ଼ି ଭାବେ ମାନିବାକୁ ହେବ । କୌଣସି ଶିକ୍ଷାର୍ଥୀଙ୍କ ଆଚରଣ ସନ୍ତୋଷଜନକ ନହେଲେ ତାଙ୍କୁ ପାଠ୍ୟକ୍ରମରୁ ବାହାର କରିଦିଆଯିବ ।

- ଆଇଆଇଏମ୍‌ସିର ଏକ ଆଚରଣ ବିଧି ରହିଛି । ଶିକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ଆଚରଣ ବିଧି (କୋଡ୍ ଅଫ୍ କଣ୍ଡକ୍ଟ ଅଫ୍ ଆଇଆଇଏମ୍‌ସି ଷ୍ଟୁଡେଣ୍ଟ୍‌ସ)ର ସମ୍ପୂର୍ଣ୍ଣ ବିବରଣୀ ଆଇଆଇଏମ୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ । ଏହି ଆଚରଣ ବିଧି ପଢ଼ିବାକୁ ସମସ୍ତ ପ୍ରାର୍ଥୀଙ୍କୁ ପରାମର୍ଶ ଦିଆଯାଉଛି । ଏଥିରେ ସାମାଜିକ ଗଣମାଧ୍ୟମର ବ୍ୟବହାର ନେଇ ନୀତି, ଶିକ୍ଷାର୍ଥୀଙ୍କ ଠାରୁ ସଂସ୍ଥାନର ଆଶାପୋଷଣ, ଶୃଙ୍ଖଳାଗତ ପ୍ରକ୍ରିୟାର ପୃଷ୍ଠଭୂମି ଓ ଶୃଙ୍ଖଳାଗତ କାର୍ଯ୍ୟବିଧି ଆଦି ଉଲ୍ଲେଖ ରହିଛି । ଏହିସବୁ ଆଚରଣ ବିଧି ପାଳନ କରିବାକୁ ନାମଲେଖା ସମୟରେ ଏକ ଦସ୍ତଖତ ଦେବାକୁ ହେବ ।

- ଯଦି କୌଣସି ଶିକ୍ଷାର୍ଥୀଙ୍କ ଆଚରଣ ସନ୍ତୋଷଜନକ ହୁଏ ନାହିଁ, ତେବେ ତାଙ୍କୁ ପାଠ୍ୟକ୍ରମରୁ ବିତାଡ଼ିତ କରିବାର ଅଧିକାର ସଂସ୍ଥାନର ରହିଛି ।

- ଡିପ୍ଲୋମା ପାଠ୍ୟକ୍ରମ ହେଉଛି ପୂର୍ଣ୍ଣ ସମୟ ପାଠ୍ୟକ୍ରମ ଏବଂ ଶିକ୍ଷାର୍ଥୀଙ୍କୁ

ଅନ୍ୟ କୌଣସି ପୂର୍ଣ୍ଣ ସମୟ ବା ଆଂଶିକ ସମୟ ଚାକିରି କିମ୍ବା ଶିକ୍ଷା ପାଇଁ ଅନୁମତି ଦିଆଯିବ ନାହିଁ । ଏହାସହ ଏହି ସମୟ ମଧ୍ୟରେ ସେମାନଙ୍କୁ କୌଣସି ପୂର୍ଣ୍ଣ ସମୟ ବା ଆଂଶିକ ସମୟ ନିଯୁକ୍ତି କରିବାକୁ ମଧ୍ୟ ଅନୁମତି ଦିଆଯିବ ନାହିଁ । **ଯଦି କୌଣସି ପ୍ରକାର ଉଲ୍ଲଘଂନ ଜଣାପଡ଼େ, ପାଠ୍ୟକ୍ରମରୁ ବାହାର କରିବା ଭଳି ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାର ଅଧିକାର ସଂସ୍ଥାନର ରହିଛି । ଅନୁରୋଧକ୍ରମେ ଅଭିଯୋଗ ନିବାରଣ ସମିତି ଶିକ୍ଷାର୍ଥୀଙ୍କ ଅଭିଯୋଗ ଉପରେ ବିଚାର କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।**

## ଶୂନ୍ୟ ସହିଷ୍ଣୁତା ନୀତି (ଜିରୋ ଟଲରେନ୍ସ ପଲିସି)

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ବିରୋଧରେ ଯୌନସଂକ୍ରାନ୍ତ ଘଟଣା ଓ ଅଭିଯୋଗ ନେଇ ଆଇଆଇଏମ୍‌ସିର ଶୂନ୍ୟ ସହିଷ୍ଣୁତା ନୀତି ରହିଛି । ଏ ସମ୍ବନ୍ଧୀୟ କୌଣସି ବିଶୃଙ୍ଖଳା ହେଲେ ଆଭ୍ୟନ୍ତରୀଣ ଅଭିଯୋଗ ସମିତି ଓ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ସେଲ୍ କଡ଼ା କାର୍ଯ୍ୟାନୁଷ୍ଠାନ ନେବେ ।

## ପରିଚୟ ପତ୍ର

ନାମଲେଖା ପରେ ଯଥା ଶୀଘ୍ର ଛାତ୍ରଛାତ୍ରୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ । ପାଠ୍ୟକ୍ରମ ସମାପ୍ତି ପରେ ଏହି ପରିଚୟ ପତ୍ର ନିଶ୍ଚୟ ଫେରେଇବାକୁ ହେବ । ପତ୍ରଟି ହଜିଗଲେ କିମ୍ବା ନଷ୍ଟ ହୋଇଯିବା କାରଣରୁ ଆଉ ଗୋଟିଏ ଦରକାର ହେଲେ, ଅନ୍ୟ ଏକ ପରିଚୟ ପତ୍ର ପାଇଁ ୧୦୦ ଟଙ୍କା ଦେବାକୁ ହେବ ।

## ନିଯୁକ୍ତି/ଇଣ୍ଟର୍ଣ୍ଣସିପ୍

ଶିକ୍ଷା ଅଧିବେଶନ ଶେଷ ବେଳକୁ ଆଇଆଇଏମ୍‌ସି ନିଯୁକ୍ତି/ଇଣ୍ଟର୍ଣ୍ଣସିପ୍ ପକ୍ଷର ଆୟୋଜନ କରିଥାଏ । ଏଥିରେ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିନିମୟର ସୁଯୋଗ ଦିଆଯାଏ । ତେବେ ଶିକ୍ଷାର୍ଥୀଙ୍କ ନିଯୁକ୍ତି ନେଇ ସଂସ୍ଥାନର କୌଣସି ଗ୍ୟାରେଣ୍ଟି ନାହିଁ ।

## ଗ୍ରନ୍ଥାଗାର

ଗଣ ଯୋଗାଯୋଗ ବିଷୟ ଉପରେ ଦେଶର ସର୍ବବୃହତ୍ ଗ୍ରନ୍ଥାଗାର ସଂସ୍ଥାନର ଦିଲ୍ଲୀ କେନ୍ଦ୍ରରେ ରହିଛି । ଏଥିରେ ଗଣ ଯୋଗାଯୋଗ ଓ ଆନୁଷଙ୍ଗିକ ବିଷୟର ବିଭିନ୍ନ ଦିଗ ଉପରେ ୩୦,୦୦୦ରୁ ଅଧିକ ବହି ଓ ଜର୍ଣ୍ଣାଲ୍ ସଂଗୃହିତ ହୋଇଛି । ଗ୍ରନ୍ଥାଗାରଟି ସମ୍ପୂର୍ଣ୍ଣଭାବେ କମ୍ପ୍ୟୁଟରୀକୃତ ଏବଂ ହାଉସ୍‌କିପିଂ ଓ ସେବା ଅପରେସନ୍ ସ୍ୱୟଂକ୍ରିୟ । ଅନ୍‌ଲାଇନ୍ ପବ୍ଲିକ୍ ଆକ୍ସେସ୍ କ୍ୟାଟାଲଗ୍ (ଓପିଏସି) ଏବଂ ଅନ୍‌ଲାଇନ୍ ଜର୍ଣ୍ଣାଲ୍ ଶିକ୍ଷାର୍ଥୀ ଓ ଅଧ୍ୟାପକଙ୍କ ଲାଗି ଉପଲବ୍ଧ । ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଗବେଷକଙ୍କ ପାଇଁ ଆର୍ଟ ମଲ୍ଟିମିଡିଆ, ଉଦ୍ଧୃତ ଅନୁଚ୍ଛେଦ ଓ ଗବେଷଣା ପରି ବିଭିନ୍ନ ବିଭାଗ ରହିଛି ।

ସୋମବାରରୁ ଶନିବାର ପର୍ଯ୍ୟନ୍ତ ଗ୍ରନ୍ଥାଗାର ସକାଳ ୯ଟାରୁ ସନ୍ଧ୍ୟା ୫ଟା ଯାଏ ଖୋଲାରହେ ଏବଂ ଛୁଟିଦିନଗୁଡ଼ିକରେ ବନ୍ଦ ରହେ । ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଗ୍ରନ୍ଥାଗାର ସୁରକ୍ଷା ଦେୟ ୫,୦୦୦ ଟଙ୍କା ଲେଖାଏଁ ଦେବାକୁ ହେବ । ଶିକ୍ଷାର୍ଥୀ ଗ୍ରନ୍ଥାଗାର ଭିତରକୁ କୌଣସି ସାମଗ୍ରୀ ଆଣିବା ବର୍ଜନୀୟ । ଗୋଟିଏ ସପ୍ତାହ ପାଇଁ ପ୍ରତ୍ୟେକ ଶିକ୍ଷାର୍ଥୀ ଦୁଇଟି ପୁସ୍ତକ ନେବା ପାଇଁ ଅନୁମତି ଦିଆଯାଏ । ଯଦି କେହି ଶିକ୍ଷାର୍ଥୀ ଗ୍ରନ୍ଥାଗାରରୁ ଆଣିଥିବା ପୁସ୍ତକ ହଜାଇଦିଅନ୍ତି, ତାଙ୍କୁ ଏହାର ପୁନଃସ୍ଥାପନ ବା ଏହାର ମୂଲ୍ୟ ଦେବାକୁ ପଡ଼ିବ । ଗ୍ରନ୍ଥାଗାର ସୁରକ୍ଷା ଦେୟ ଫେରସ୍ତ ପାଇଁ ଗ୍ରନ୍ଥାଗାରରୁ ପ୍ରତ୍ୟେକ ଶିକ୍ଷାର୍ଥୀ 'ନୋ ଡିଉଜ୍ ସାର୍ଟିଫିକେଟ୍' ଆଣିବାକୁ ହେବ । ପାଠ୍ୟକ୍ରମ ପରିସମାପ୍ତି ପରେ ଶିକ୍ଷାର୍ଥୀଙ୍କୁ ଗ୍ରନ୍ଥାଗାର ସୁରକ୍ଷା ଦେୟ ୫,୦୦୦ ଟଙ୍କା ଫେରେଇ ଦିଆଯିବ । ପାଠ୍ୟକ୍ରମ ପରିସମାପ୍ତିର ତିନି ବର୍ଷ ମଧ୍ୟରେ ଯଦି କେହି ଏହି ଦେୟ ଫେରିପାଇବା ପାଇଁ ଦାବି ନକରନ୍ତି, ତେବେ ଏହା ବାଜ୍ୟାପ୍ତ କରାଯିବ ।

## ଉପକରଣ ଓ ସୁବିଧା

ଯୋଗାଯୋଗର ବିଭିନ୍ନ ବିଭବରେ ବ୍ୟାବହାରିକ ପ୍ରଶିକ୍ଷଣ ପାଇଁ ସଂସ୍ଥାନର ବିଶେଷ ସୁବିଧା ରହିଛି । ଶବ୍ଦ ଓ ଟିଭି ଷ୍ଟୁଡିଓ ଏବଂ ଅନ୍ୟ ଦୃଶ୍ୟ-ଶ୍ରାବ୍ୟ ସୁବିଧା ରହିଛି ।

ଟେଲିଭିଜନ୍ ଓ ଭିଡିଓ ପ୍ରସ୍ତୁତି ପାଇଁ ଡିଜିଟାଲ୍ ଇଏନ୍‌ଜି କ୍ୟାମେରାର ସୁବିଧା ରହିଛି । ଏହାସହ ଗୋଟିଏ ମଲ୍ଟି-କ୍ୟାମେରା ଷ୍ଟୁଡିଓ ସେଟ୍-ଅପ୍ କ୍ୟାମେରା ନିୟନ୍ତ୍ରଣ ୟୁନିଟ୍, ସ୍ୱତନ୍ତ୍ର ଇଫେକ୍ଟ ଜେନେରେଟର, ସମ୍ପାଦନା ଉପକରଣ, ଟିଭି ଷ୍ଟୁଡିଓରେ ଶୀତଳ ଆଲୋକ ବ୍ୟବସ୍ଥା ରହିଛି । ସଂସ୍ଥାନର ଡିଜିଟାଲ ଶବ୍ଦ ରେକର୍ଡ଼ିଂ/ସମ୍ପାଦନା ଓ ନନ୍-ଲିନିଅର୍ ଡିଜିଟାଲ୍ ଭିଡିଓ ସମ୍ପାଦନା ସୁବିଧା ରହିଛି । ସର୍ଭର୍ ଆଧାରିତ ନେଟ୍‌ୱର୍କ ଓ ଫାଇନାଲ୍ କଟ୍ ପ୍ରୋ ମେସିନ୍ ସହ ଭିଡିଓ ସମ୍ପାଦନା ସୁବିଧା ମଧ୍ୟ ଅଛି ।

ବିଭିନ୍ନ ଫଟୋଗ୍ରାଫିକ୍ ଆସାଇନ୍‌ମେଣ୍ଟରେ ଶିକ୍ଷାର୍ଥୀଙ୍କ ଅଭ୍ୟାସ ପାଇଁ ସଂସ୍ଥାନର ପ୍ରୟୋଗଶାଳାରେ ଦୁଇ ଡଜନ୍‌ରୁ ଅଧିକ ଡିଏସ୍‌ଏଲ୍‌ଆର୍ କ୍ୟାମେରା ଅଛି । ସମସ୍ତ ଶ୍ରେଣୀକକ୍ଷ ପ୍ରୋଜେକ୍ଟର ଓ ଅନ୍ୟ ଶିକ୍ଷା

ଉପକରଣ ସହ ସଂଲଗ୍ନ ହୋଇଛି । ଯୋଗାଯୋଗ କ୍ଷେତ୍ରର ବିକାଶକୁ ଆଖି ଆଗରେ ରଖି କମ୍ପ୍ୟୁଟରଭିତ୍ତିକ ସମ୍ପାଦନା ଓ ପ୍ରକାଶନ ପାଇଁ ସଂସ୍ଥାନରେ କମ୍ପ୍ୟୁଟର ଲାବ୍, ମଲ୍ଟିମିଡିଆ ବ୍ୟବସ୍ଥା, ଭିଡିଓ ସମ୍ପାଦନା ଉପକରଣ, କ୍ଲିପ୍ ଭିଡିଓ କ୍ୟାମେରା, ସ୍ୱର ରେକର୍ଡର୍ ଆଦି ସୁବିଧା ମଧ୍ୟ ରହିଛି । ଏଥିଯୋଗୁଁ ବୈଦ୍ୟୁତିକ ସମ୍ପାଦନା, କମ୍ପ୍ୟୁଟରଭିତ୍ତିକ ଗ୍ରାଫିକ୍ ଲେ'ଆଉଟ୍ ଡିଜାଇନ୍ ଓ ପ୍ରକାଶନ ଆଦି ଶିଖିହେବ ।

ଏଡବ୍ ପେଜ୍‌ମେକର୍, କ୍ୱର୍କ ଏକ୍ସପ୍ରେସ୍, ଏଡବ୍ ଫଟୋସପ୍, କୋରେଲ୍ ଡ୍ର, ମାକ୍ରୋମିଡିଆ ଡାଇରେକ୍ଟର୍, କୁଲ୍ ଏଡିଟ୍ ପ୍ରୋ, ନିଉଜ୍‌ରାପ୍, ଏଡବ୍ ଇନ୍‌ଡିଜାଇନ୍ ଆଦି ସଫ୍ଟୱେର ପ୍ୟାକେଜ୍‌ର ପ୍ରଶିକ୍ଷଣ ଶିକ୍ଷାର୍ଥୀଙ୍କୁ ଦିଆଯାଏ ।

ଆଇଆଇଏମ୍‌ସି ପରିସରରେ ୱାଇ-ଫାଇ ବ୍ୟବସ୍ଥା ଅଛି ।

## ଆଇଆଇଏମ୍‌ସି ପ୍ରକାଶନ

### (କ) ପତ୍ରିକା

ଇଂରାଜୀରେ 'କମ୍ୟୁନିକେଟର୍' ଓ ହିନ୍ଦୀରେ 'ସଞ୍ଚାର ମାଧ୍ୟମ' ପରି ଦୁଇଟି ତ୍ରୈମାସିକ ଗବେଷଣାଭିତ୍ତିକ ପତ୍ରିକା ପ୍ରକାଶ କରୁଛି ସଂସ୍ଥାନ ।

### (ଖ) ପୁସ୍ତକ

ଗଣ ଯୋଗାଯୋଗ ଉପରେ ଇଂରାଜୀ ଓ ହିନ୍ଦୀରେ ସଂସ୍ଥାନ ପୁସ୍ତକ ପ୍ରକାଶନ କରୁଛି । ଏଥିରେ ଗବେଷଣାତ୍ମକ ସଙ୍କଳନ, ସମ୍ପାଦିତ ଗ୍ରନ୍ଥଖଣ୍ଡ ଓ ମୁଦ୍ରିତ ବିବରଣୀ (ନିଉଜ୍‌ଲେଟର) ରହିଛି । ସେହିପରି ଢେଙ୍କାନାଳ କ୍ୟାମ୍ପସ୍ ପକ୍ଷରୁ ଉଭୟ ଇଂରାଜୀ ଓ ଓଡ଼ିଆରେ ୧୬ଟି ମନୋଗ୍ରାଫ୍ ଏବଂ ଗଣମାଧ୍ୟମ ସମ୍ପର୍କିତ ପ୍ରବନ୍ଧକୁ ନେଇ ଦୁଇଟି ସଙ୍କଳିତ ପୁସ୍ତକ 'ସମ୍ବାଦ ପ୍ରସଙ୍ଗ' ଓ 'ସମ୍ବାଦ ପ୍ରସଙ୍ଗ-୨' ପ୍ରକାଶିତ ହୋଇଛି ।

## ପ୍ରେସ୍

ଦିଲ୍ଲୀରେ ଥିବା ସଂସ୍ଥାନ ପରିସରରେ ଏକ ପ୍ରିଣ୍ଟିଂ ପ୍ରେସ୍ ରହିଛି, ଯେଉଁଥିରେ ଅଫ୍‌ସେଟ୍ ଓ ସ୍କ୍ରିନ୍ ପ୍ରିଣ୍ଟିଂ ସୁବିଧା ରହିଛି ।

## ସାଂସ୍କୃତିକ କାର୍ଯ୍ୟକ୍ରମ

ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ ସହ ସଂସ୍ଥାନର ପ୍ରତିଷ୍ଠା ଦିବସ, ଜାତୀୟ ପ୍ରେସ୍ ଦିବସ, ଜାତୀୟ ଯୁବ ଦିବସ, ଗୁରୁ ଦିବସ, ଅନ୍ତର୍ଜାତୀୟ ମହିଳା ଦିବସ ଆଦିରେ ସଂସ୍ଥାନ ସାହିତ୍ୟିକ-ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥାଏ । ବିଶିଷ୍ଟ ବକ୍ତା/କଳାକାରଙ୍କୁ ନେଇ ସମୟ ସମୟରେ ବକ୍ତୃତା/ପ୍ରଦର୍ଶନର ଆୟୋଜନ କରେ ସଂସ୍ଥାନ । ସେହିପରି ଢେଙ୍କାନାଳ କ୍ୟାମ୍ପସ୍‌ରେ ମଝିରେ ମଝିରେ ସାହିତ୍ୟ ଓ କବିତା ଆସର 'ଶବ୍ଦାଞ୍ଜଳି' ଆୟୋଜନ କରାଯାଏ ।

## ସ୍ୱାସ୍ଥ୍ୟ କେନ୍ଦ୍ର

ଦିଲ୍ଲୀ କ୍ୟାମ୍ପସ୍‌ରେ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ । ଏଠାକୁ ଏଲୋପାଥିକ୍, ଆୟୁର୍ବେଦିକ୍ ଓ ହୋମିଓପାଥିକ୍ ଡାକ୍ତର ସୋମବାରରୁ ଶନିବାର ମଧ୍ୟରେ ଆସନ୍ତି । ମନସ୍ତତ୍ତ୍ୱବିଦ୍ ବିଶେଷଜ୍ଞ ମଧ୍ୟ ଆସନ୍ତି । ଢେଙ୍କାନାଳ କ୍ୟାମ୍ପସ୍‌କୁ ମଧ୍ୟ ଡାକ୍ତର ଆସନ୍ତି । ସେହିପରି ସମସ୍ତ କ୍ୟାମ୍ପସ୍‌ରେ ଯେତେବେଳେ ଜରୁରୀ ପଡ଼େ, ମେଡିକାଲ୍ ସୁବିଧା ଦିଆଯାଇଥାଏ ।

## ଯୋଗ

ଉତ୍ତମ ସ୍ୱାସ୍ଥ୍ୟ ଓ ଭଲ ରହିବାର ବାର୍ତ୍ତାକୁ ପ୍ରସାର କରିବା ଉଦ୍ଦେଶ୍ୟରେ ଯୋଗ ଉପରେ ନିୟମିତ ପ୍ରଶିକ୍ଷଣ ଅଧିବେଶନ ଆୟୋଜନ କରେ ସଂସ୍ଥାନ । ଢେଙ୍କାନାଳ କ୍ୟାମ୍ପସ୍‌ରେ ଏକ ଯୋଗ କକ୍ଷ ମଧ୍ୟ ରହିଛି ।

## ଛାତ୍ରାବାସ ସୁବିଧା

ଦିଲ୍ଲୀରେ (କେବଳ ଦୂରଦୂରାନ୍ତ ଛାତ୍ରୀଙ୍କ ପାଇଁ) ସୀମିତ ଛାତ୍ରାବାସ ସୁବିଧା ଉପଲବ୍ଧ ଅଛି । ଢେଙ୍କାନାଳ କ୍ୟାମ୍ପସ୍‌ରେ ଉଭୟ ଛାତ୍ର ଓ ଛାତ୍ରୀଙ୍କ ପାଇଁ ଛାତ୍ରାବାସ ସୁବିଧା ରହିଛି । ଅମରାବତୀ, ଜମ୍ମୁ ଓ କୋଟ୍ଟାୟମ୍‌ରେ ସୀମିତ ଛାତ୍ରାବାସ ସୁବିଧା ଉପଲବ୍ଧ । ଆଇଜଲ୍‌ରେ ଅନୁରୋଧକ୍ରମେ ଛାତ୍ରାବାସରେ ରହିବା ପାଇଁ ସୁବିଧା ଯୋଗାଇ ଦିଆଯାଇପାରେ । ଦିଲ୍ଲୀରେ ସଂସ୍ଥାନ ପ୍ରଶାସନ ପକ୍ଷରୁ ଅନୁରୋଧକ୍ରମେ ନିୟମ ଏବଂ ଉପଲବ୍ଧତା ଅନୁସାରେ କ୍ୟାମ୍ପସ୍ ପରିସରରେ/ବାହାରେ ଦୂର ଦୂରାନ୍ତର ସୀମିତ ଛାତ୍ରଙ୍କ ରହିବା ବନ୍ଦୋବସ୍ତ କରାଯାଇପାରେ ।

## ମେସ୍ ଓ କ୍ୟାଣ୍ଟିନ୍

ସଂସ୍ଥାନର ଛାତ୍ରାବାସରେ ମେସ୍ ବ୍ୟବସ୍ଥା ରହିଛି, ଯେଉଁଠାରେ ଗୁଣାତ୍ମକ ଖାଦ୍ୟ ରିହାତି ଦରରେ ଛାତ୍ରାବାସରେ ରହୁଥିବା ଶିକ୍ଷାର୍ଥୀଙ୍କୁ ଯୋଗାଇ ଦିଆଯାଏ । ଦିଲ୍ଲୀ କ୍ୟାମ୍ପସ୍‌ରେ ମଧ୍ୟ ଏକ ଏକ କ୍ୟାଣ୍ଟିନ୍ ଅଛି, ଯେଉଁଠି ଖାଦ୍ୟ ଓ ସ୍ନାକ୍ସ ସମସ୍ତ କାର୍ଯ୍ୟଦିବସରେ ରିହାତି ଦରରେ ଯୋଗାଇ ଦିଆଯାଏ । ଢେଙ୍କାନାଳ କ୍ୟାମ୍ପସ୍‌ରେ 'ପାଣି ଓହଳା' ଡାଇନିଂ ହଲ୍‌ରେ ଶିକ୍ଷାର୍ଥୀ, ଅଧ୍ୟାପକ ଓ ଅତିଥିଙ୍କ ପାଇଁ ଖାଦ୍ୟର ସୁବିଧା ରହିଛି ।

## କ୍ରୀଡ଼ା ସୁବିଧା

ଦିଲ୍ଲୀ କ୍ୟାମ୍ପସ୍‌ରେ ଟେନିସ୍ ଲନ୍, ବ୍ୟାଡ୍‌ମିଣ୍ଟନ୍ ଓ ଭଲିବଲ୍ କୋର୍ଟ ରହିଛି । ଏହାସହ ଟେବୁଲ ଟେନିସ୍ ଖେଳର ସୁବିଧା ମଧ୍ୟ ଉପଲବ୍ଧ । ଢେଙ୍କାନାଳ କ୍ୟାମ୍ପସ୍‌ରେ ବ୍ୟାଡ୍‌ମିଣ୍ଟନ୍ ଓ ଟେବୁଲ୍ ଟେନିସ୍ ଖେଳିବାର ସୁବିଧା ରହିଛି ।

## ବ୍ୟାଙ୍କ୍ ଓ ଏଟିଏମ୍

ଆଇଆଇଏମ୍‌ସିର ଦିଲ୍ଲୀ କ୍ୟାମ୍ପସ୍ ପରିସର ମଧ୍ୟରେ ବ୍ୟାଙ୍କ୍ ଓ ଏଟିଏମ୍‌ର ସୁବିଧା ରହିଛି ।

## ଅନ୍ୟ ସୁବିଧା

ଦିଲ୍ଲୀ କ୍ୟାମ୍ପସ୍‌ରେ ୪୦୦ରୁ ଅଧିକ ଆସନ ବିଶିଷ୍ଟ ପ୍ରେକ୍ଷାଳୟ- ମହାତ୍ମା ଗାନ୍ଧୀ ମଞ୍ଚ, ୧୦୦ ଆସନ ବିଶିଷ୍ଟ କ୍ଷୁଦ୍ର ପ୍ରେକ୍ଷାଳୟ-ଲୋକମାନ୍ୟ ବିଜି ତିଲକ କ୍ଷୁଦ୍ର ପ୍ରେକ୍ଷାଳୟ ଓ ଏକ ରଙ୍ଗମଞ୍ଚ- ମେଘଦୂତ ରଙ୍ଗମଞ୍ଚ ରହିଛି । ଏହାସହ ଅନେକ ଆଲୋଚନାଚକ୍ର ଗୃହ ଓ ସମ୍ମିଳନୀ କକ୍ଷ ରହିଛି । ଅବସର ସମୟରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପାଇଁ ସ୍ୱାମୀ ବିବେକାନନ୍ଦ ମେମୋରିଆଲ୍ ରକ୍ ନିକଟସ୍ଥ ପାର୍କକୁ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ କରାଯାଇଛି ।

## ରେଳ ଓ ବିମାନ ଯାତ୍ରା ରିହାତି

କେବଳ ଛୁଟି ସମୟରେ ନିଜ ଘର ନିକଟସ୍ଥ ସହରକୁ ରେଳ ଓ ବିମାନ ଯୋଗେ ଯାତ୍ରା କରିବା ପାଇଁ ଛାତ୍ରଛାତ୍ରୀ ନିୟମ ଅନୁସାରେ ରିହାତି ଲାଭ ଉଠାଇପାରିବେ ।

## ଗଣମାଧ୍ୟମ ଶିଳ୍ପ ବିନିମୟ ଓ ପୁରାତନ ଛାତ୍ର ସଂଘ

ପାଞ୍ଚ ଦଶନ୍ଧିରୁ ଅଧିକ ହେବ ସଂସ୍ଥାନ ଗଣମାଧ୍ୟମ ଶିଳ୍ପ ସହ ଏକ ବଳିଷ୍ଠ ବିନିମୟ ସମ୍ପର୍କ ରଖିଆସୁଛି । ଗଣମାଧ୍ୟମ, କର୍ପୋରେଟ୍, ସରକାରୀ ଓ ବେସରକାରୀ ସଙ୍ଗଠନ କ୍ଷେତ୍ରରେ ଆଇଆଇଏମ୍‌ସିର ପୁରାତନ ଛାତ୍ରଛାତ୍ରୀ ଆଜି ଏକ ଅଗ୍ରଣୀ ସ୍ଥାନ ଅଧିକାର କରିଛନ୍ତି । ଆଇଆଇଏମ୍‌ସିର ଏକ ଆଲୁମ୍‌ନାଏ ସେଲ୍ (ପୁରାତନ ଛାତ୍ର ସଂଘ) ରହିଛି ।

## ସବୁଜ ଆଇଆଇଏମ୍‌ସି ଓ ସ୍ୱଚ୍ଛ ଆଇଆଇଏମ୍‌ସି

ଆରାବଳୀ ପର୍ବତମାଳା କୋଳରେ ଆଇଆଇଏମ୍‌ସି ଦିଲ୍ଲୀ କ୍ୟାମ୍ପସ୍ ଶୋଭା ପାଉଥିବାବେଳେ ଏହାର ସବୁଜ, ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ପରିବେଶ ମନଲୋଭା । ସବୁଜ ବନାନୀ ବଢ଼ାଇବା ପାଇଁ ବୃକ୍ଷରୋପଣ ନିୟମିତ କରାଯାଏ । ଢେଙ୍କାନାଳ କ୍ୟାମ୍ପସ୍ ପାଣିଓହଳା ପର୍ବତ ଉପତ୍ୟକାରେ ଅବସ୍ଥିତ, ଏହାର ଦୃଶ୍ୟ ଖୁବ୍ ମନମୁଗ୍ଧକର ।

## ନିଶାମୁକ୍ତ ଅଞ୍ଚଳ

ସମଗ୍ର ଆଇଆଇଏମ୍‌ସି ଏକ ନିଶାମୁକ୍ତ ଅଞ୍ଚଳ । ଏଠାରେ ସିଗାରେଟ୍, ମଦ/ଡ୍ରଗ୍ସ ଓ ନିଦ୍ରାକାରୀ ବା ମୂର୍ଚ୍ଛାକାରୀ ଔଷଧ ସେବନ ସମ୍ପୂର୍ଣ୍ଣ ନିଷେଧ । ଏହାକୁ ଉଲ୍ଲଘଂନ କଲେ ନିୟମ ଅନୁସାରେ ଦଣ୍ଡବିଧାନ କରାଯିବ ।

## କାର୍ଯ୍ୟ ସମୟ

ସୋମବାରରୁ ଶୁକ୍ରବାର ପୂର୍ବାହ୍ନ ୯.୩୦ ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସଂସ୍ଥାନ ଖୋଲାରହେ । ଦିଲ୍ଲୀ ପାଇଁ ଭାରତ ସରକାରଙ୍କ ଦ୍ୱାରା ଘୋଷିତ ସମସ୍ତ ଛୁଟି ଦିନରେ ସଂସ୍ଥାନ ବନ୍ଦ ରହେ । ନିୟମାନୁସାରେ, ଆଞ୍ଚଳିକ ଶାଖାଗୁଡ଼ିକ ଦିଲ୍ଲୀ କ୍ୟାଲେଣ୍ଡରକୁ ଅନୁସରଣ କରିବେ । ତେବେ ଦିଲ୍ଲୀସ୍ଥିତ ମୁଖ୍ୟାଳୟ ସହ ବିଚାର ବିମର୍ଶ କରି ଆଞ୍ଚଳିକ ଶାଖାଗୁଡ଼ିକ ସେମାନେ ଏଥିରେ କିଛି ପରିବର୍ତ୍ତନ କରିପାରନ୍ତି ।

## ଗୁରୁତ୍ୱପୂର୍ଣ୍ଣ ତାରିଖ

| | |
|---|---|
| ଆବେଦନ ପତ୍ର ବିକ୍ରି ଆରମ୍ଭ | ୨୦ ମାର୍ଚ୍ଚ, ୨୦୧୮ |
| ଆବେଦନ ପତ୍ର ବିକ୍ରି ଶେଷ | ୧ ମେ, ୨୦୧୮ |
| ପୂରଣ ହୋଇଥିବା ଆବେଦନ ପତ୍ର ଗ୍ରହଣର ଶେଷ ତାରିଖ | ୧ ମେ, ୨୦୧୮ |
| ସମସ୍ତ ପାଠ୍ୟକ୍ରମ ପାଇଁ (ଉର୍ଦ୍ଦୁ, ଓଡ଼ିଆ, ମରାଠୀ ଓ ମାଲାୟଲମ୍ ବ୍ୟତୀତ) ପ୍ରବେଶିକା ପରୀକ୍ଷା | ୨୭ ମେ, ୨୦୧୮ |
| ସାମ୍ବାଦିକତା (ଉର୍ଦ୍ଦୁ, ଓଡ଼ିଆ, ମରାଠୀ ଓ ମାଲାୟଲମ୍) ପାଇଁ ପ୍ରବେଶିକା ପରୀକ୍ଷା | ୨୬ ମେ, ୨୦୧୮ |

| | |
|---|---|
| ପ୍ରବେଶିକା ପରୀକ୍ଷା ଫଳାଫଳ ଘୋଷଣା | ୨୦୧୮ ଜୁନ୍ ଦ୍ୱିତୀୟ/ ତୃତୀୟ ସପ୍ତାହ |
| ସାକ୍ଷାତକାର ତାରିଖ | ୨୦୧୮ ଜୁନ୍ ଶେଷ ସପ୍ତାହ/ ଜୁଲାଇ ପ୍ରଥମ ସପ୍ତାହ |
| ଚୂଡ଼ାନ୍ତ ଚୟନ ଫଳାଫଳ | ୨୦୧୮ ଜୁଲାଇ ଦ୍ୱିତୀୟ/ ତୃତୀୟ ସପ୍ତାହ |
| ଦେୟର ପ୍ରଥମ କିସ୍ତି ପୈଠର ଶେଷ ତାରିଖ | ୨୦୧୮ ଜୁଲାଇ ଶେଷ ସପ୍ତାହ |
| *ସ୍ନାତକ ମାର୍କସିଟ୍/ ଡିଗ୍ରୀ ଦାଖଲର ଶେଷ ତାରିଖ, ଏଥିରେ ବିଫଳ ହେଲେ ପ୍ରୋଭିଜନାଲ୍ ନାମଲେଖା ନାକଚ କରାଯିବ | ଅଗଷ୍ଟ ୩୧, ୨୦୧୮ |
| ଶିକ୍ଷା ଅଧିବେଶନ ଆରମ୍ଭ | ୨୦୧୮ ଜୁଲାଇ ଶେଷ ସପ୍ତାହ କିମ୍ବା ଅଗଷ୍ଟ ପ୍ରଥମ ସପ୍ତାହ |

*ଯେଉଁମାନେ ଶେଷ ବର୍ଷ ସ୍ନାତକ ପରୀକ୍ଷା ଦେଉଛନ୍ତି, କିନ୍ତୁ ଫଳାଫଳ ଆସିନି ସେମାନଙ୍କ ପାଇଁ ଏହା ପ୍ରଯୁଜ୍ୟ ।

***ଗୁରୁତ୍ୱପୂର୍ଣ୍ଣ:*** ସୂଚିତ ତାରିଖ ଅନୁସାରେ ସଂସ୍ଥାନ ଆବେଦନ ପତ୍ର ବିକ୍ରି କରିବ ଓ ଗ୍ରହଣ କରିବ । ଆକସ୍ମିକ ଭାବେ ଯଦି ଏହି ତାରିଖକୁ ସାଧାରଣ ଛୁଟି ଭାବେ ଘୋଷଣା କରାଯାଏ, ତେବେ ପରବର୍ତ୍ତୀ କାର୍ଯ୍ୟ ଦିବସ ହେବ ଶେଷ ତାରିଖ ।

## ନାମଲେଖା ପ୍ରକ୍ରିୟା

୧. ଲିଖିତ ପରୀକ୍ଷା ଓ ପରେ ବ୍ୟକ୍ତିଗତ ସାକ୍ଷାତକାର/ସାମୂହିକ ଆଲୋଚନା ଆଧାରରେ ସମସ୍ତ ପାଠ୍ୟକ୍ରମରେ ନାମଲେଖା ପାଇଁ ଚୟନ କରାଯିବ । ସାମ୍ବାଦିକତା (ହିନ୍ଦୀ/ଇଂରାଜୀ) ପାଇଁ ଏକ ସାଧାରଣ ପ୍ରବେଶିକା ପରୀକ୍ଷା ଓ ସାଧାରଣ ପ୍ରଶ୍ନପତ୍ର ହେବ । ସାମ୍ବାଦିକତା (ହିନ୍ଦୀ) କିମ୍ବା ସାମ୍ବାଦିକତା (ଇଂରାଜୀ) ପାଇଁ ଆବେଦନ କରିଥିବା ପ୍ରାର୍ଥୀମାନେ ନିଜ ସମ୍ବନ୍ଧୀୟ ଭାଷା (ହିନ୍ଦୀ କିମ୍ବା ଇଂରାଜୀ)ରେ ଉତ୍ତର ଲେଖିପାରିବେ । ଏହାଛଡ଼ା ପ୍ରାର୍ଥୀଜଣକ ସାମ୍ବାଦିକତା (ଉର୍ଦ୍ଦୁ), ସାମ୍ବାଦିକତା (ଓଡ଼ିଆ), ସାମ୍ବାଦିକତା (ମରାଠୀ) ଓ ସାମ୍ବାଦିକତା (ମାଲାୟଲମ୍) ମଧ୍ୟରୁ ଗୋଟିଏରେ ପ୍ରବେଶିକା ପରୀକ୍ଷାରେ ଦେଇପାରିବେ । ରେଡିଓ ଓ ଟିଭି ସାମ୍ବାଦିକତା, ବିଜ୍ଞାପନ ଓ ଲୋକ ସମ୍ପର୍କ ପାଇଁ ଅଲଗା ପ୍ରଶ୍ନପତ୍ର ଓ ପ୍ରବେଶିକା ପରୀକ୍ଷା ହେବ ।

୨. ଲିଖିତ ପ୍ରବେଶିକା ପରୀକ୍ଷା ଓ ବ୍ୟକ୍ତିଗତ ସାକ୍ଷାତକାର/ସାମୂହିକ ଆଲୋଚନାର ଆନୁପାତିକ ନିରୂପଣ ହେବ ୭୫:୨୫ ।

୩. ପ୍ରାର୍ଥୀଙ୍କୁ ନିମ୍ନ ସ୍ୱଭାବ ମାଧ୍ୟମରେ ବିଚାର କରାଯିବ ।

**ଅ) ସାମ୍ବାଦିକତା ପାଠ୍ୟକ୍ରମ ପାଇଁ:**

କ) ସାଧାରଣ ଜ୍ଞାନ, ସାମାଜିକ ଗତିଶୀଳତା ବୁଝିବାର କ୍ଷମତା, ସାମାଜିକ ଓ ସାଂସ୍କୃତିକ ଇତିହାସ, ଆଇନ ଓ ସାମ୍ବିଧାନିକ ବ୍ୟବସ୍ଥା, ନାଗରିକଙ୍କ ଅଧିକାର, ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ ବିଜ୍ଞାନ ଓ ଅର୍ଥନୀତି ପରି ଉନ୍ନୟନ ପ୍ରସଙ୍ଗ, ଅନ୍ତର୍ଜାତୀୟ ବିକାଶ ଓ ଭାରତ ଉପରେ ସେମାନଙ୍କର ପ୍ରଭାବ

ଖ) ଅଭିରୁଚି ଓ ମାନସିକ ଜ୍ଞାନ

ଗ) ଭାଷାର ଉଭୟ ମୌଖିକ ଓ ଲିଖିତ ଦକ୍ଷତା

ଘ) ଅନୁଶୀଳନ ଓ ବୋଧଶକ୍ତି ଦକ୍ଷତା

ଙ) ସାମାଜିକ ପ୍ରସଙ୍ଗରେ ନିଜର ଦୃଷ୍ଟିଭଙ୍ଗୀ

ଚ) ନୀତି ଓ ମୂଲ୍ୟବୋଧ

**ଆ) ବିଜ୍ଞାପନ ଓ ଲୋକ ସମ୍ପର୍କ ପାଇଁ:**

କ) ଉନ୍ନୟନ ଓ ଲୋକ ପ୍ରସଙ୍ଗ ଉପରେ ସାଧାରଣ ଜ୍ଞାନ

ଖ) ଅଭିରୁଚି ଓ ମାନସିକ ଜ୍ଞାନ

ଗ) ଭାଷା ଦକ୍ଷତା

ଘ) ଅନୁଶୀଳନ ଓ ବୋଧଶକ୍ତି ଦକ୍ଷତା

ଙ) ବ୍ରାଣ୍ଡ୍ ସଚେତନତା ଓ ସ୍ମରଣଶକ୍ତି

ଚ) ସାମାଜିକ ଚେତନା

ଛ) ଭାବନା ଦକ୍ଷତା

## ଆବେଦନ ପତ୍ର କିପରି ପୂରଣ କରିବେ

୧. ଅନ୍‌ଲାଇନ୍‌ରେ ଆବେଦନ ପତ୍ର ଆପଣ ପୂରଣ କରିପାରିବେ ଓ ଅନ୍‌ଲାଇନ୍‌ରେ ମଧ୍ୟ ଦେୟ ପୈଠ କରିପାରିବେ କିମ୍ବା ଆବେଦନ ପତ୍ର ଡାଉନ୍‌ଲୋଡ୍ କରନ୍ତୁ, ପୂରଣ କରନ୍ତୁ ଓ ଏହାକୁ ଡାକ ଯୋଗେ ଆବେଦନ ଦେୟ ପାଇଁ ଡିମାଣ୍ଡ ଡ୍ରାଫ୍ଟ ସଂଲଗ୍ନ କରି ୨୦ ନମ୍ବର କ୍ରମାଙ୍କରେ ଥିବା ଠିକଣାରେ ପଠାନ୍ତୁ ।

୨. ଆବେଦନକର୍ତ୍ତା ନିଜ ହସ୍ତାକ୍ଷରରେ ଆବେଦନ ପତ୍ର ପୂରଣ କରିବା ଉଚିତ ।

୩. ଲିଖିତ ପ୍ରବେଶିକା ପରୀକ୍ଷା ଓ ପ୍ରଶ୍ନପତ୍ର ସମାନ ହୋଇଥିବାରୁ ପ୍ରାର୍ଥୀମାନେ ଗୋଟିଏ ଆବେଦନ ପତ୍ରରେ ସାମ୍ବାଦିକତା (ହିନ୍ଦୀ) ଓ ସାମ୍ବାଦିକତା (ଇଂରାଜୀ) ପାଇଁ ଗୋଟିଏ ଆବେଦନ ପତ୍ର ଦାଖଲ କରିପାରିବେ ।

୪. ସେହିପରି, ପ୍ରାର୍ଥୀମାନେ ସାମ୍ବାଦିକତା (ଉର୍ଦ୍ଦୁ)/ସାମ୍ବାଦିକତା (ଓଡ଼ିଆ)/ସାମ୍ବାଦିକତା (ମରାଠୀ)/ସାମ୍ବାଦିକତା (ମାଲାୟଲମ୍) ପାଇଁ କେବଳ ଗୋଟିଏ ଆବେଦନ ପତ୍ର ଦାଖଲ କରିପାରିବେ । ଏକା ସମୟରେ ଉପର ପାଠ୍ୟକ୍ରମ ସକାଶେ ଲିଖିତ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ।

୫. ପ୍ରତ୍ୟେକ ପାଠ୍ୟକ୍ରମ ପାଇଁ ଅଲଗା ଆବେଦନ ପତ୍ର ରହିଛି । ଆବେଦନ ପତ୍ର ପୂରଣ କରିବା ପୂର୍ବରୁ ଏହା ପ୍ରାର୍ଥୀ ଚାହୁଁଥିବା ପାଠ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ବୋଲି ପ୍ରଥମେ ତନଖି କରନ୍ତୁ ।

୬. ନିର୍ଦ୍ଦେଶନାମା ପଢ଼ିବା ପରେ ଏବଂ ସମ୍ପୂର୍ଣ୍ଣଭାବେ ଏହାକୁ ବୁଝିବା ପରେ ଦୟାକରି ଆବେଦନ ପତ୍ର ପୂରଣ ଆରମ୍ଭ କରନ୍ତୁ ।

୭. ଆବେଦନ ପତ୍ର ପୂରଣ ପାଇଁ ପେନ୍‌ସିଲ୍ ଆଦୌ ବ୍ୟବହାର କରନ୍ତୁ ନାହିଁ । କେବଳ କଳା କାଳି ବ୍ୟବହାର କରନ୍ତୁ ।

୮. ଦୟାକରି ଆବେଦନ ପତ୍ରରେ ଆଟେଷ୍ଟେଡ୍ ହୋଇଥିବା ନିଜର ନବୀନତମ ପାସପୋର୍ଟ ଫଟୋ ଲଗାନ୍ତୁ ।

୯. ଡ୍ୟାସ୍ (-) କିମ୍ବା ଡଟ୍ (.) ବ୍ୟବହାର କରନ୍ତୁ ନାହିଁ । ଆବେଦନ ପତ୍ରରେ ଯଦି କୌଣସି ବିଭାଗ ଆପଣଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ, ତେବେ ସେଠାରେ ଦୟାକରି ଇଂରାଜୀରେ 'ଏନ୍‌ଏ' (ନଟ୍ ଆପ୍ଲିକେବଲ୍); କିମ୍ବା 'ନୋ', 'ନିଲ୍' ଲେଖନ୍ତୁ ଏବଂ ଯଦି ପ୍ରଯୁଜ୍ୟ () ସ୍ଥାନରେ ଠିକ୍ ଚିହ୍ନ ଦେଇ ଦର୍ଶାନ୍ତୁ ।

୪. ସର୍ବଭାରତୀୟ ସ୍ତରରେ ନୂଆ ଦିଲ୍ଲୀ, ଅହମ୍ମଦାବାଦ (ଗୁଜୁରାଟ), ଆଇଜଲ୍ (ମିଜୋରାମ୍), ଢେଙ୍କାନାଳ (ଓଡ଼ିଶା), ବେଙ୍ଗାଲୁରୁ (କର୍ଣ୍ଣାଟକ), ଭୋପାଲ୍ (ମଧ୍ୟପ୍ରଦେଶ), ଚେନ୍ନାଇ (ତାମିଲନାଡୁ), ଗୌହାଟୀ (ଆସାମ), ଜମ୍ମୁ ଏବଂ ଶ୍ରୀନଗର (ଜମ୍ମୁ ଓ କାଶ୍ମୀର), ହାଇଦ୍ରାବାଦ (ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା), କୋଲ୍‌କାତା (ପଶ୍ଚିମବଙ୍ଗ), କୋଟ୍ଟାୟମ୍ (କେରଳ), ଲକ୍ଷ୍ନୌ (ଉତ୍ତରପ୍ରଦେଶ), ମୁମ୍ବାଇ, ଅମରାବତୀ (ମହାରାଷ୍ଟ୍ର), ପାଟନା (ବିହାର), ରାଞ୍ଚି (ଝାରଖଣ୍ଡ), ରାୟପୁର (ଛତିଶଗଡ଼), ଡେରାଡୁନ୍ (ଉତ୍ତରାଖଣ୍ଡ)ରେ ଲିଖିତ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ସାମ୍ବାଦିକତା (ଓଡ଼ିଆ)ର ପ୍ରବେଶିକା ପରୀକ୍ଷା ଢେଙ୍କାନାଳରେ ହେବ, ମୁମ୍ବାଇ ଓ ଅମରାବତୀରେ ସାମ୍ବାଦିକତା (ମରାଠୀ), କୋଟ୍ଟାୟମ୍‌ରେ ସାମ୍ବାଦିକତା (ମାଲାୟଲମ୍), ନୂଆଦିଲ୍ଲୀ/ଭୋପାଲ/ଜମ୍ମୁ/ହାଇଦ୍ରାବାଦ/ପାଟନା/ଲକ୍ଷ୍ନୌ/ମୁମ୍ବାଇ/ଶ୍ରୀନଗରରେ ସାମ୍ବାଦିକତା (ଉର୍ଦ୍ଦୁ) ପ୍ରବେଶିକା ପରୀକ୍ଷା ହେବ ।

୫. ପ୍ରାର୍ଥୀଙ୍କ ପକ୍ଷରୁ ପରୀକ୍ଷା କେନ୍ଦ୍ରର ଅନୁଗ୍ରହ ଦିଆଯାଇଥିଲେ ମଧ୍ୟ ଯେକୌଣସି ପ୍ରାର୍ଥୀଙ୍କୁ ଯେକୌଣସି କେନ୍ଦ୍ରରେ ନିଜ ଖର୍ଚ୍ଚରେ ଲିଖିତ ପ୍ରବେଶିକା ପରୀକ୍ଷା ଦେବା ପାଇଁ ଡକାଯିବାର ଅଧିକାର ସଂସ୍ଥାନର ରହିଛି ।

୬. ଲିଖିତ ପ୍ରବେଶିକା ପରୀକ୍ଷା ପାଇଁ ଥରେ କେନ୍ଦ୍ର ଦିଆଯିବା ପରେ, କୌଣସି ପରିସ୍ଥିତିରେ ଏହାର ପରିବର୍ତ୍ତନ ହେବନାହିଁ ।

୭. ଯେଉଁ ପ୍ରାର୍ଥୀମାନେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ପାଇଁ ଲିଖିତ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ, ସେମାନଙ୍କୁ ସାକ୍ଷାତକାର/ସାମୂହିକ ଆଲୋଚନା ପାଇଁ ଜୁନ୍ ଶେଷ ସପ୍ତାହ/ଜୁଲାଇ ପ୍ରଥମ ସପ୍ତାହ, ୨୦୧୮ରେ ନୂଆ ଦିଲ୍ଲୀକୁ ନିଜ ଖର୍ଚ୍ଚରେ ଆସିବାକୁ ଡକାଯିବ । ଉର୍ଦ୍ଦୁ, ଓଡ଼ିଆ, ମରାଠୀ ଓ ମାଲାୟଲମ୍ ପାଇଁ ସାକ୍ଷାତକାର ଯଥାକ୍ରମେ ଦିଲ୍ଲୀ, ଢେଙ୍କାନାଳ, ଅମରାବତୀ ଓ କୋଟ୍ଟାୟମ୍‌ରେ ଅନୁଷ୍ଠିତ ହେବ ।

୮. ସାକ୍ଷାତକାର/ସାମୂହିକ ଆଲୋଚନାକୁ ଆସୁଥିବା ଶିକ୍ଷାର୍ଥୀମାନେ ସେମାନଙ୍କର ପୂର୍ବର ପୋର୍ଟଫୋଲିଓ/କାର୍ଯ୍ୟାବଳୀର ରେକର୍ଡ ଆଣିଲେ ଭଲ, ହେଲେ ଏହା ଆଣିବା ବାଧ୍ୟତାମୂଳକ ନୁହେଁ ।

୯. ଲିଖିତ ପରୀକ୍ଷା ଓ ସାକ୍ଷାତକାର/ସାମୂହିକ ଆଲୋଚନାରେ ମିଳିତଭାବେ ନମ୍ବର ରଖିଥିବା ଆଧାରରେ ଅସ୍ଥାୟୀ ନାମଲେଖା ପାଇଁ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରାଯିବ ।

୧୦. ୧୯୯୩ ଅଗଷ୍ଟ ୧ ତାରିଖ ଦିନ କିମ୍ବା ପରେ ଜନ୍ମଗ୍ରହଣ କରିଥିବା ପ୍ରାର୍ଥୀ ନାମଲେଖା ପାଇଁ ଯୋଗ୍ୟ ବିବେଚିତ । ହେଲେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଶାରୀରିକ ଭିନ୍ନକ୍ଷମ ପ୍ରାର୍ଥୀଙ୍କ ପାଇଁ ବୟସ ରିହାତି ୫ ବର୍ଷ ଏବଂ ଅନ୍ୟ ପଛୁଆ ବର୍ଗ ପ୍ରାର୍ଥୀଙ୍କ ପାଇଁ ଏହା ୩ ବର୍ଷ ଅଟେ ।

୧୧. ଦୟାକରି ସ୍ପଷ୍ଟ ଭାବେ ଦର୍ଶାନ୍ତୁ ପ୍ରାର୍ଥୀ କେଉଁ ବର୍ଗର ଅନ୍ତର୍ଭୁକ୍ତ, ଉଦାହରଣ; ସାଧାରଣ ବର୍ଗ/ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ପଛୁଆ ବର୍ଗ/ଶାରୀରିକ ଭିନ୍ନକ୍ଷମ ।

୧୨. କେବଳ ଭାରତୀୟ ଜାତୀୟତା ଏସବୁ ପାଠ୍ୟକ୍ରମ ପାଇଁ ଯୋଗ୍ୟ ।

୧୩. ଆବେଦନ ପତ୍ରରେ ଦିଆଯାଇଥିବା ଦସ୍ତଖତ ନମୂନା ବାକ୍ସ ଭିତରେ ପ୍ରାର୍ଥୀ ନିଜର ନମୂନା ଦସ୍ତଖତ ଦେବା ଆବଶ୍ୟକ । ସଂସ୍ଥାନ ପକ୍ଷରୁ ଇସ୍ୟୁ କରାଯାଇଥିବା କେବଳ ଆଡ୍‌ମିଟ୍ କାର୍ଡ ଦେଖାଇବା ପରେ ଜଣେ ପ୍ରାର୍ଥୀଙ୍କୁ ପରୀକ୍ଷା ଗୃହ ଭିତରକୁ ଯିବାକୁ ଅନୁମତି ଦିଆଯିବ ।

୧୪. ଲଫାପାରେ ଆବେଦନ ପତ୍ର ଭର୍ତ୍ତି କରିବା ପରେ ଉପର ଅଂଶରେ ଖୁବ୍ କମ୍ ଅଠା ଲଗାନ୍ତୁ, ଯଦ୍ଵାରା ଲଫାପା ଖୋଲିବାବେଳେ ଆବେଦନ ପତ୍ର ସୁରକ୍ଷିତ ରହିପାରିବ ।

୧୫. ନିର୍ଦ୍ଦେଶନାମା ଅନୁଯାୟୀ ଧ୍ୟାନର ସହ ଓ ସଠିକ୍‌ଭାବେ ଆବେଦନ ପତ୍ର ପୂରଣ କରିବା ସବୁଠାରୁ ଗୁରୁତ୍ଵପୂର୍ଣ୍ଣ । ଆବେଦନ ପତ୍ର ସଠିକ୍‌ଭାବେ ପୂରଣ କରିବାର ଦାୟିତ୍ଵ ନିଜେ ପ୍ରାର୍ଥୀଙ୍କର । ନାମଲେଖା ପରେ ଯଦି କିଛି ସୂଚନା ଭୁଲ ଭାବେ ଉପସ୍ଥାପନ କରାଯାଇଥିବାର ଜଣାପଡ଼େ, ତେବେ ପାଠ୍ୟକ୍ରମରେ ନାମଲେଖାକୁ ବାତିଲ୍ କରାଯିବ ।

୧୬. ଧ୍ୟାନର ସହ ପ୍ରାର୍ଥୀ ପ୍ରତ୍ୟେକ ସ୍ତମ୍ଭ ପୂରଣ କରିବା ଆବଶ୍ୟକ । ଯେଉଁ ଆବେଦନ ପତ୍ର ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇନଥିବ, ତାହାକୁ ନାକଚ କରାଯାଇପାରେ ।

୧୭. ଡାକ ସମ୍ପର୍କିତ ବିଳମ୍ବ ଓ ପ୍ରେରଣ ସମୟରେ ଦସ୍ତାବିଜ ହଜିଯିବା କାରଣରୁ ସଂସ୍ଥାନ ଦାୟୀ ରହିବ ନାହିଁ । ତେବେ ପ୍ରାର୍ଥୀ ଯଦି କୌଣସି ଇନ୍‌ଫର୍ମେସନ୍ ନ ପାଆନ୍ତି, ତେବେ ସେ ଅତିରିକ୍ତ ମହାନିର୍ଦ୍ଦେଶକ (ଟି ଆଣ୍ଡ୍ ଏ)ଙ୍କୁ ଯୋଗଯୋଗ କରିପାରିବେ ।

୧୮. ଯଦି କୌଣସି ଭୁଲ ସୂଚନା ଆବେଦନ ପତ୍ରରେ ଦିଆଯାଇଥାଏ, ତେବେ ତାହାକୁ ନାକଚ କରାଯାଇପାରେ ।

**୧୯. ଆବେଦନ ପତ୍ର ଡାଉନ୍‌ଲୋଡ୍ ପାଇଁ: ଆବେଦନ ପତ୍ର ଡାଉନ୍‌ଲୋଡ୍‌ର ପ୍ରକ୍ରିୟା ସମ୍ପର୍କରେ ପ୍ରାର୍ଥୀ ନିଜେ ହିଁ ୱେବ୍‌ସାଇଟ୍‌ରେ ଖୋଜି ପାଇପାରିବେ ।**

**www.iimc.gov.in ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ ହୋଇଥିବା ଆବେଦନ ପତ୍ର ପୂରଣ କରି ଏକ ଡିମାଣ୍ଡ ଡ୍ରାଫ୍ଟ ସହ (ସାଧାରଣ ବର୍ଗ ପାଇଁ ୧୫୦୦/- ଟଙ୍କା ଏବଂ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ପଛୁଆ ବର୍ଗ/ଶାରୀରିକ ଭିନ୍ନକ୍ଷମ ବର୍ଗ ପ୍ରାର୍ଥୀଙ୍କ ପାଇଁ ୧୦୦୦/- ଟଙ୍କା) 'ଆଇଆଇଏମ୍‌ସି, ନୂଆ ଦିଲ୍ଲୀ' ପକ୍ଷରେ ପ୍ରବେଶିକା ପରୀକ୍ଷା ଦେୟ ଭାବେ ୧ ମେ, ୨୦୧୮ ଦିନ କିମ୍ବା ପୂର୍ବରୁ ଡାକ ଯୋଗେ କିମ୍ବା ବ୍ୟକ୍ତିଗତ ଭାବେ ଆସି ଦାଖଲ କରିବାକୁ ହେବ ।**

**ଡିମାଣ୍ଡ ଡ୍ରାଫ୍ଟ ପଛପଟେ ପ୍ରାର୍ଥୀଙ୍କ ନାମ ଲେଖିବା ସବୁଠୁଁ ଗୁରୁତ୍ଵପୂର୍ଣ୍ଣ । ସଠିକ୍ ତାରିଖ ସୁଦ୍ଧା ପ୍ରବେଶିକା ପରୀକ୍ଷା ଦେୟ ବାବଦ ଡିମାଣ୍ଡ ଡ୍ରାଫ୍ଟ ପହଞ୍ଚିଲେ ଡାଉନ୍‌ଲୋଡ୍ ହୋଇଥିବା ଆବେଦନ ପତ୍ର ଗ୍ରହଣ କରାଯିବ, ନହେଲେ ଆବେଦନ ପତ୍ର ନାକଚ କରାଯିବ ।**

୨୦. ସମ୍ପୂର୍ଣ୍ଣ ଭାବେ ପୂରଣ କରାଯାଇଥିବା ଆବେଦନ ପତ୍ର **୧ ମେ ୨୦୧୮** ଦିନ କିମ୍ବା ପୂର୍ବରୁ **The Additional Director General (T&A), Indian Institute of Mass Communication, Aruna Asaf Ali Marg, New Delhi-110067** ଠିକଣାରେ ପହଞ୍ଚିବା ଆବଶ୍ୟକ ।

୨୧. ଏହି ବିବରଣିକା ପୁସ୍ତିକାରେ ଦିଆଯାଇଥିବା ତଥ୍ୟ କେବଳ ସୂଚନାତ୍ମକ ଓ ଏସବୁ ବିନା ସୂଚନାରେ ସଂଶୋଧନ କରାଯାଇପାରେ । କୌଣସି ମାମଲାରେ କୌଣସି ମକଦ୍ଦମା କେବଳ ଦିଲ୍ଲୀ କୋର୍ଟରେ ବିଚାର ହୋଇପାରିବ ।

**ମୂଲ୍ୟ:** ବ୍ୟକ୍ତିଗତ/ଡାକ ଯୋଗେ ଆବେଦନ ପତ୍ର/ବିବରଣିକା କିଣିପାରିବେ ।
**Price :** Prospectus and Application Form purchased in person/Post

**ଡିମାଣ୍ଡ ଡ୍ରାଫ୍ଟ:** ସାଧାରଣ ବର୍ଗଙ୍କ ପାଇଁ ୧୫୦୦ ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ
**Demand Draft:** Demand Draft Rs. 1500/- for General category.

**ଡିମାଣ୍ଡ ଡ୍ରାଫ୍ଟ:** ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ପଛୁଆ ବର୍ଗ/ଶାରୀରିକ ଭିନ୍ନକ୍ଷମଙ୍କ ପାଇଁ ୧୦୦୦ ଟଙ୍କାର ଡିମାଣ୍ଡ ଡ୍ରାଫ୍ଟ
**Demand Draft:** Demand Draft Rs. 1000/- for SC/ST/OBC/Physical Handicapped category

ବିବରଣିକା: ୨୦୦/- ଟଙ୍କା (ଆବେଦନ ପତ୍ର ବ୍ୟତୀତ)

**ବିବରଣିକା ଓ ଆବେଦନ ପତ୍ର ଆଇଆଇଏମ୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ:**

**Website:** www.iimc.gov.in
**Email:** iimc1965@gmail.com
**Facebook:** https://www.facebook.com/IIMC1965
**Twitter:** https://twitter.com/IIMC_India
**Youtube:** https://www.youtube.com/channelUCmA45KCykBbOLpOG4p71_AA

| | |
|---|---|
| **Indian Institute of Mass Communication<br>New Delhi**<br><br>Address : Aruna Asaf Ali Marg, JNU New Campus,<br>New Delhi 110067<br>Tel. 26741073, 26741987, 26741352<br>26742920, 26742940, 26742960<br>FAX 26742462, 26741268 | **Indian Institute of Mass Communication<br>Dhenkanal, Odisha**<br><br>Address : Post Box No. 21, Sanchar Marg,<br>Dhenkanal, Odisha 759001<br>Tel. 06762-226194, 226196<br>FAX 06762-226195, 226197 |
| **Indian Institute of Mass Communication<br>Aizawl, Mizoram**<br><br>Mizoram University Campus, Tanhril<br>Post Box No. 190, Aizwal, Mizoram<br>Telephone: 0389-2300871, 2322813<br>MZU Campus: 8974207717, 9436142605 | **Indian Institute of Mass Communication<br>Kottayam, Kerala**<br><br>Ground Floor, Classroom Cluster,<br>Mahatma Gandhi University, Priyadarshini Hill PO<br>Kottayam- 686560<br>Mobile: 09868922680 |
| **Indian Institute of Mass Communication<br>Amravati, Maharashtra**<br><br>IIMC Campus, Dr. Shrikant Jickhar Memorial Research<br>Centre for Central Indian History & Culture<br>Sant Gadge Baba Amravati University, Amravati<br>(Maharashtra) 444602<br>Telephone 089-56462200 | **Indian Institute of Mass Communication<br>Jammu, J&K**<br><br>3rd Floor<br>Vikas Bhawan<br>Rail Head Complex<br>Jammu Tawi-180012<br>Mobile: 09419146030, 1912479523 |